
YOUTH 4 WATER PLUS

# Ama Pokhari କଥା

unicef
for every child




*Some Unforgettable Stories...* | କାହାଣୀ କିଛି ଅଭୁଲା ସମୟର

# Ama Pokhari କଥା

**Cover art by**
Debki Bhukta

**Designed by**
Bishal Mohanty & Soumyadip Deewanji

ସିଏ ସାକ୍ଷୀ କେତେ  ପ୍ରେମ କାହାଣୀର
ଅଟେ ସେ ସାକ୍ଷୀ କେତେ ଶୁଦ୍ଧିକର୍ମର
ଅଟେ ସାକ୍ଷୀ କେତେ ମୁଣ୍ଡନର
ଅଟେ ତା ପାଖେ କାହାଣୀ ଘର ଘରର.....

ପୋଖରୀ ସାଙ୍ଗେ ଯୋଡ଼ି ରହିଛି ସମସ୍ତଙ୍କ ଜୀବନର କିଛି ଅଧ୍ୟାୟ, କିଛି ଅନୁଭୁତି, କିଛି ସ୍ମୃତି । ସେହି ସ୍ମୃତି ର ପାଖୁଡ଼ା କୁ ନେଇ ଚାଲନ୍ତୁ ଗୁନ୍ଥିବା ଏକ ସୁନ୍ଦର ମାଳ  ଯାହାକି ହେଉଛି.......

Ama Pokhari କଥା

**Edited by**
Subhrasima Mohanty

# Message from UNICEF Odisha

Dear Readers,

I am immensely proud to present ‘Ama Pokhari Katha’, a booklet highlighting the significance of ponds, as an integral part of our society.

For centuries, Ponds, are just not the water source for human habitation but also home to a variety of flora and fauna. It indeed plays a vital role in our ecology.

Yet, these water bodies, are facing increasing threats from human-caused pollution and climate change. We must unite to safeguard this ecosystem.

The initiatives like ‘Mo Pokhari’ and Odisha Pond Week, plays a critical role in changing attitudes and cultivating a positive mindset to preserve these invaluable resources.

Let us work together to ensure the preservation of Ponds for future generations.

Warm Regards,





**William Hanlon Jr.**
Chief, Field Office,
UNICEF State Office, Odisha.

# Message from UNICEF Odisha



UNICEF-led Youth4Water Plus Campaign has published the second edition of the book "Ama Pokhari Katha," which is written by youths of Odisha on the conservation of water bodies in general and pond rejuvenation in particular. It is with great pleasure, I introduce this insightful book, you will embark on a journey through the importance of preserving and protecting our precious pond ecosystems.

I encourage you all to consider the significant relevance of ponds in our socio-cultural fabric with open minds and hearts. Ponds are more than just water features; they are archives of customs, history, and culture. They contain the whispers of wisdom that have been forgotten, the echoes of old ceremonies, and the stories of generations past.

In a world where rapid urbanization and industrialization threaten the very existence of these sacred water bodies, it is my request to all the youths to take a lead role and stand for the cause. Let these stories be a call to action, a reminder that we are custodians of our planet's precious resources.

May these tales inspire you to cherish and protect our ponds, not just for their ecological importance but also for the rich heritage safeguarding our ponds, we are safeguarding our collective memory and identity.



**Shipra Saxena**
WASH, Environment &
Climate Change Specialist

# Message from Youth4Water Plus

Dear Readers

Water is a precious resource after the air, essential for life and biodiversity. The efforts of our youths in preserving and protecting our water bodies are commendable and essential to Odisha's long-term prosperity.

Youths are actively engaged in conserving water resources reflects their commitment towards environmental stewardship and sustainable development. By understanding the importance of water conservation, they are not only safeguarding our present but also securing a better tomorrow for generations to come.

This book serves as a guide and inspiration for all individuals, especially the youth to take proactive steps in preserving our water bodies. We can make them aware through education, awareness, and collective action.

I urge every citizen to support and participate in these conservation efforts initiated by UNICEF-led Youth4Water Plus Campaign.






**Dharmananda Sundaray**
Campaign Manager
Youth4Water Plus

# Message from Pantiss

ପୋଖରୀ କେବଳ ଏକ ପ୍ରାକୃତିକ ସମ୍ବଳ ନୁହେଁ, ଏହା ଆମ ସଂସ୍କୃତି ର ଆଧାର। ଜନ୍ମ ରୁ ମୃତ୍ୟୁ ପର୍ଯ୍ୟନ୍ତ ଆମେ ସମସ୍ତେ ପୋଖରୀ ସହିତ ଓତ ପ୍ରୋତ ଭାବେ ଜଡ଼ିତ। ସଭ୍ୟତା ର ଅଗ୍ରସରତା ସହିତ ଆଧୁନୀକିକରଣ ର ଏକ ଦୃଢ଼ ସମ୍ପର୍କ ରହିଛି। ରାସ୍ତା, କୋଠା, ବିଶାଳ ଯାନ ର ଗମନା ଗମନ ରେ ଅଧିକାଂଶ ପୋଖରୀ ଆଜି ବିଲୁପ୍ତ ପ୍ରାୟ। ଏବେ ଓଡ଼ିଶା ପୋଖରୀ ଅଭିଯାନ ମାଧମ ରେ ପୋଖରୀ ପୁନରୁଦ୍ଧାର ଏକ ଉଚ୍ଚକୋଟୀର ଯୁବ ପ୍ରୟାସ।





**Stalin Nayak**
CEO, PANTISS GROUP

# The Pondman of India



Greetings,
Youth4Water Plus Campaign's initiative "Ama Pokhari Katha" is indeed commendable, and the work being done to engage youth in preserving and managing water bodies is crucial for sustainable development.
I applaud your efforts in mobilizing young people towards climate action and the promotion of water, sanitation, and hygiene practices.
I am excited to participate in the consultation and share my insights and experiences in pond management and water conservation. It is heartening to see such initiatives that focus on preserving our natural resources and involving the youth in these endeavours.
I look forward to contributing to the discussion on sustainable water practices and exchanging ideas with key stakeholders, policymakers, researchers, and practitioners present at the event.
Together, I am confident we can explore innovative solutions for the conservation and management of ponds in Odisha and beyond. Please convey my sincere appreciation to the organisers for this invitation, and rest assured of my full commitment to making a valuable contribution to the consultation.
Thank you once again for this opportunity, and I eagerly anticipate our collaboration at the event on 10th May, 2024.




**Ramveer Tanwar**
Pondman, India



### ଆସନ୍ତୁ ସାମିଲ ହେବା

# 'ଆମ ପୋଖରୀ କଥା'

### ଅଭିଯାନରେ



ପ୍ରକୃତିର ବୈଚିତ୍ର୍ୟମୟ, ମନୋରମ ସୃଷ୍ଟିରେ ବିଭିନ୍ନ ପ୍ରାକୃତିକ ପରିସଂସ୍ଥା ସେମାନଙ୍କର ବିବିଧ ବୈଶିଷ୍ଟ୍ୟ ପାଇଁ ଧ୍ୟାନ ଆକର୍ଷଣକାରୀ ହୋଇଥା'ନ୍ତି । ମାନବ ବସତିର ଚତୁର୍ପାର୍ଶ୍ୱରେ ମଧୁର ଜଳ ଉତ୍ସର ସମ୍ଭାର ରୂପେ ଉପଲବ୍ଧ ଥିବା ଛୋଟ ବଡ଼ ପୋଖରୀଗୁଡ଼ିକ ଅନେକ ବିଶେଷତ୍ୱର ଅଧିକାରୀ ହୋଇ ଜୈବବିବିଧତାରେ ପରିପୂର୍ଣ୍ଣ ଜଳୀୟ ବାସସ୍ଥଳୀର ଭୂମିକା ନିର୍ବାହ କରନ୍ତି । ଏହି ଜଳ ଉତ୍ସଗୁଡ଼ିକର ପରିବେଶୀୟ ଅବଦାନ, ବିଶେଷ ରୂପେ ମାନବ ସମାଜ ନିମନ୍ତେ, ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ । ପୋଖରୀ ନିକଟରେ ବସବାସ କରୁଥିବା କେବଳ ମଣିଷମାନଙ୍କୁ ନୁହେଁ, ଗୃହପାଳିତ ପଶୁ ଏବଂ ପ୍ରକୃତିରେ ଜୀବନ ନିର୍ବାହ କରୁଥିବା ଅନ୍ୟାନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ବିବିଧ ସେବା ପ୍ରଦାନର ଉତ୍ସ ଭାବରେ ସେମାନେ କାର୍ଯ୍ୟ କରନ୍ତି । ଶୈଶବ କାଳର ଗୃହ ନିକଟରେ ଅବସ୍ଥିତ ଗୋଟିଏ ପୋଖରୀ ଏବଂ ଦୁଇଟି ଗାଡ଼ିଆରେ ଋତୁଚକ୍ରରେ ବର୍ଷତମାମ ଘଟୁଥିବା ପରିବର୍ତ୍ତନର ସ୍ମୃତି ଏବେବି ସ୍ପଷ୍ଟ ରୂପେ ମୋ ମନରେ ପ୍ରତିଫଳିତ ହୁଏ । ନିଦାଘ ଗ୍ରୀଷ୍ମର ପ୍ରଭାବରେ ଅର୍ଦ୍ଧ ଶୁଷ୍କ, ପୀଡ଼ିତ ଅବସ୍ଥାରେ ଥିବା ପୋଖରୀ ବର୍ଷାର ମୂଷଳ ଧାରାରେ ଜଳପୂର୍ଣ୍ଣ ହୋଇ କିପରି ପ୍ରଫୁଲ୍ଲିତ ହୁଏ ଏବଂ ମତ୍ସ୍ୟ ଓ ଅନ୍ୟାନ୍ୟ ସମ୍ପଦରେ ପରିପୂର୍ଣ୍ଣ ହୋଇଉଠେ ତଥା ଶୀତ ଋତୁରେ ଗାଡ଼ିଆର ଜଳ 'ପୋଷକ ବୃଦ୍ଧି'ର ପରିଣାମରେ କିପରି ଶୈବାଳ ଓ ଦଳମାନଙ୍କର ଏକ ସବୁଜ ଆସ୍ତରଣରେ ଆଚ୍ଛାଦିତ ହୋଇଯାଏ, ଏସବୁ ନିକଟରୁ ନିରୀକ୍ଷଣ କରିଥିବା ବ୍ୟକ୍ତିର ସ୍ମୃତିରେ ସତେଜ ହୋଇ ରହିଥାଏ । ମାଆ ଶେଉଳ ମାଛ ଯାଆଁଳ ସହିତ କୂଳରେ ଭାସି ଭାସି ଯାଉଥିବା ଅଥବା ହଠାତ୍ ଏକ ମାଛରଙ୍କା ପକ୍ଷୀ ଆକାଶରୁ ଲମ୍ଫ ପ୍ରଦାନ କରି ପୋଖରୀ ଜଳରୁ ପହଁରୁ ଥିବା ମାଛଟିକୁ ଧରି ଉଡ଼ିଯିବାର ଦୃଶ୍ୟ ପୋଖରୀ ହୁଡ଼ାରେ ବସି ନିରୀକ୍ଷଣ କରୁଥିବା ପିଲାମାନଙ୍କୁ ବିଶେଷ ରୂପେ ଅମୋଦିତ କରେ । ଶାନ୍ତ ଭାବରେ ପୋଖରୀ ଜଳରେ ଇତସ୍ତତଃ ଭାସି ଭାସି ଯାଉଥିବା ହଂସମାନଙ୍କର ଦୃଶ୍ୟ ମନଲୋଭା ହୋଇଥାଏ । ପୁଣି କେଉଁଠି କଇଁ ଫୁଲର ସମ୍ଭାର ତ ଅନ୍ୟ କେଉଁଠି ପଦ୍ମ ଫୁଲର ସମାବେଶ ପୋଖରୀମାନଙ୍କର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ ।

ପ୍ରାକୃତିକ ଭାବେ ହେଉ ଅଥବା ଚାରାରୋପଣ ମାଧ୍ୟମରେ ପୋଖରୀର ବାହ୍ୟ ପରିସରରେ ବୃକ୍ଷରାଜିର ଏକ ସୁନ୍ଦର ସମ୍ଭାର ପ୍ରାୟତଃ ବିରାଜିତ ଥାଏ । ଜଳୀୟ ଜୀବଜାତିମାନଙ୍କ ସହିତ ପରାଗସଂଗମକାରୀ କୀଟପତଙ୍ଗ, ବିଭିନ୍ନ ପକ୍ଷୀ, ବାଦୁଡ଼ି ଏବଂ ଅନ୍ୟାନ୍ୟ ପ୍ରାଣୀମାନେ ଜଳ, ଖାଦ୍ୟ ଏବଂ ବାସସ୍ଥଳୀ ନିମନ୍ତେ ପୋଖରୀ ଉପରେ ନିର୍ଭର କରନ୍ତି । ମତ୍ସ୍ୟ ସମ୍ପଦର ଏକ ବଳିଷ୍ଠ ଉତ୍ସ ରୂପେ ବିଭିନ୍ନ ଜାତିର ମଧୁରଜଳ ମାଛମାନଙ୍କୁ ବାସସ୍ଥଳୀ ପ୍ରଦାନ କରି ପୋଖରୀ ସ୍ଥାନୀୟ ଲୋକମାନଙ୍କର ମତ୍ସ୍ୟ ଆବଶ୍ୟକତାକୁ କିଛି ପରିମାଣରେ ପୂରଣ କରେ । ନିକଟସ୍ଥ କୃଷି କ୍ଷେତ୍ରକୁ ଜଳଯୋଗାଣରେ ମଧ୍ୟ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି । ପୋଖରୀ ମାଧ୍ୟମରେ ବର୍ଷାଜଳ ଭୂତଳ ମଧ୍ୟକୁ ପ୍ରବେଶ କରି ଏହାର ଜଳ ପୁନର୍ଭରଣାରେ ସହାୟତା କରେ । ପୋଖରୀର ଜଳରାଶି ଏବଂ ଚତୁର୍ପାର୍ଶ୍ୱସ୍ଥ ବୃକ୍ଷଲତା ଏଠାକାର କ୍ଷୁଦ୍ର ପରିବେଶର ତାପମାତ୍ରାକୁ ନିୟନ୍ତ୍ରଣ କରି ଶୀତଳ ଶାନ୍ତ ପରିବେଶର ସ୍ଥାପନ କରନ୍ତି । କେତେକ ସ୍ଥଳରେ ଲୋକମାନଙ୍କର ଶାରୀରିକ କାର୍ଯ୍ୟକଳାପ ଏବଂ ଆମୋଦ ପ୍ରମୋଦ ନିମନ୍ତେ ପୋଖରୀ ହୁଡ଼ାରେ ଆବଶ୍ୟକ ବ୍ୟବସ୍ଥାର ବନ୍ଦୋବସ୍ତ ମଧ୍ୟ ହୋଇଥାଏ ।

ସମ୍ପ୍ରତି ଆଜିର ପରିବର୍ତ୍ତିତ ପରିସ୍ଥିତିରେ ପୋଖରୀ ଓ ଗାଡ଼ିଆ ପରି ଜଳ ଉତ୍ସମାନେ କିନ୍ତୁ ବହୁ ଗମ୍ଭୀର ପରିସ୍ଥିତି ଓ ଚାପର ସମ୍ମୁଖୀନ ହେଉଛନ୍ତି । ଏପରି କ୍ଷୁଦ୍ର ଜଳୀୟ ପରିସଂସ୍ଥାମାନଙ୍କର ପରିବେଶୀୟ ଏବଂ ସାମାଜିକ ଗୁରୁତ୍ୱ ଯଥେଷ୍ଟ ଥିବା ସତ୍ତ୍ୱେ ସେମାନେ ସୁରକ୍ଷା ଓ ସଂରକ୍ଷଣ ଜନିତ ସମସ୍ୟାରେ ପ୍ରପୀଡ଼ିତ ହେଉଛନ୍ତି । ସହରାଞ୍ଚଳମାନଙ୍କରେ ପୂର୍ବରୁ ପ୍ରାକୃତିକ ଭାବେ ରହିଥିବା ଅନେକ ଛୋଟ ବଡ଼ ପୋଖରୀ ପରି ଜଳ ଉତ୍ସ ଅନଧିକାର ଭାବେ ଅଧିକୃତ ହୋଇ ସେମାନଙ୍କର ଅସ୍ତିତ୍ୱ ହରାଇଲେଣି । ନଦୀ, ହ୍ରଦ ପରି ମଧୁର ଜଳର ବୃହତ୍ ଉତ୍ସକୁ ନେଇ ନୀତି ନିର୍ଦ୍ଧାରଣ ଓ ଯୋଜନା ପ୍ରଣୟନ ହେଉଥିଲା ବେଳେ ପୋଖରୀମାନଙ୍କୁ ସେଥିରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ । ଏସବୁ ଆଦ୍ରଭୂମିର ଭବିଷ୍ୟତ ହିଁ ମନ୍ଥର ଗତିରେ ମୃତ୍ୟୁ ଦିଗରେ ଗତିକରୁଛି, କାରଣ ଉପଯୁକ୍ତ ସୁରକ୍ଷା ଓ ସଂରକ୍ଷଣର ଅଭାବରୁ ସେମାନେ ବର୍ଷାଜଳରେ ପ୍ରବାହିତ ବାହ୍ୟ ପଙ୍କମାଟିରେ କ୍ରମଶଃ ପୋତି ହୋଇ ଯାଉଛନ୍ତି । ସେହିପରି, ଚତୁଃପାର୍ଶ୍ୱରୁ ବୃକ୍ଷଲତାମାନଙ୍କର ଝଡ଼ା ଡାଳପତ୍ର ଏବଂ କୃଷିକ୍ଷେତ୍ରରୁ ରାସାୟନିକ ସାର ଇତ୍ୟାଦି ଏହା ମଧ୍ୟକୁ ବର୍ଷାଜଳ ମାଧ୍ୟମରେ ପ୍ରବେଶ କରୁଛି । ଫଳରେ ପୋଖରୀ ଜଳରେ ବିବିଧ ପୋଷକମାନଙ୍କର ପରିମାଣରେ ବୃଦ୍ଧି ଘଟେ ଏବଂ ପରିଶେଷରେ

ଜଳରେ ଥିବା ଶୈବାଳଙ୍କର ସଂଖ୍ୟାରେ ଅତ୍ୟଧିକ ବୃଦ୍ଧି ସଂଘଟିତ ହୁଏ । ସେମାନଙ୍କର ମୃତ୍ୟୁ ଘଟିଲେ ବୀଜାଣୁମାନେ ମୃତ ଶୈବାଳଙ୍କର ବିଘଟନ ଘଟାନ୍ତି, ଯେଉଁଥିରେ ଜଳରେ ଥିବା ଦ୍ରବୀଭୂତ ଅମ୍ଳଜାନ ନିଃଶେଷ ହୋଇଯାଏ ଏବଂ ଜଳରେ ଅମ୍ଳଜାନର ଅଭାବ ଘଟି ମାଛ ସମେତ ଅନ୍ୟ ଜୀବଜନ୍ତୁମାନେ ମୃତ୍ୟୁର ଶିକାର ହୁଅନ୍ତି । ପୋଖରୀ, ଗାଡ଼ିଆ ପରିଶେଷରେ ପରିତ୍ୟକ୍ତ, ମୃତ ପରିସଂସ୍ଥାରେ ରୂପାନ୍ତରିତ ହୁଅନ୍ତି ।

ଏବେ ସମୟ ଉପନୀତ ହୋଇଛି ଯେତେବେଳେ ପୋଖରୀ ପରି କ୍ଷୁଦ୍ର ଜଳୀୟ ପରିସଂସ୍ଥା ବିଷୟରେ ଆମର ମୌଳିକ ବୁଝାମଣା ଅଧିକ ଗୁରୁତ୍ୱ ହାସଲ କରିବ ଏବଂ ଗବେଷଣାଲବ୍ଧ ଫଳାଫଳ ଆଧାରରେ ଉପଯୁକ୍ତ ସଂରକ୍ଷଣ ପଦ୍ଧତି ତଥା ପ୍ରଭାବଶାଳୀ ପରିଚାଳନାକୁ ପ୍ରାଧାନ୍ୟ ପ୍ରଦାନ କରାଯିବ । ଏହା ଦ୍ୱାରା ପୋଖରୀମାନଙ୍କରୁ ଉପଲବ୍ଧ ବିବିଧ ଦ୍ରବ୍ୟ ଏବଂ ସେବାର ନିରବଚ୍ଛିନ୍ନ ପ୍ରବାହ ଭବିଷ୍ୟତକୁ ମଧ୍ୟ ଜାରି ରହିବ । ଅତଏବ, ପୋଖରୀର ଜୈବବିବିଧତା, ସେମାନଙ୍କର ସଂରକ୍ଷଣ ଏବଂ ପ୍ରଦତ୍ତ ପରିସଂସ୍ଥୀୟ ସେବା ଓ ଅବଦାନ ଉପରେ ଅଧିକ ଅଧ୍ୟୟନ ହେବାର ଆବଶ୍ୟକତା ରହିଛି । ଜୈବବିବିଧତାର ଏହି ସବୁ ସମ୍ଭାର ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ମଧ୍ୟ ବିଶେଷ ଭାବେ ପ୍ରଭାବିତ ହୋଇ ପ୍ରଖର ଗ୍ରୀଷ୍ମରେ ଶୁଷ୍କ ପାଲଟୁଛନ୍ତି । ବିଶ୍ୱସ୍ତରରେ ମଧୁରଜଳ ଜୈବବିବିଧତା ଉପରେ ଥିବା ଆସନ୍ନ ବିପଦ ଏବଂ ଏଥିରେ ଘଟୁଥିବା ହ୍ରାସକୁ ଦୂର କରିବା ନିମନ୍ତେ ସମସ୍ତ ହିତାଧିକାରୀଙ୍କର ସାହାଯ୍ୟ ଏକାନ୍ତ ଅପରିହାର୍ଯ୍ୟ । ଏପରି ଦୃଶ୍ୟପଟରେ ଯୁବଗୋଷ୍ଠୀମାନେ ପ୍ରକୃତି-ପରିବେଶ, ନିର୍ଦ୍ଦିଷ୍ଟ ରୂପେ ପୋଖରୀ, ଗାଡ଼ିଆ ପରି ଜଳୀୟ ପରିସଂସ୍ଥାମାନଙ୍କର ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିଜକୁ ସଂଶ୍ଲିଷ୍ଟ କରି ମାନବୀୟ ଚାପ ଲାଘବ କରିବା ଏବଂ ପ୍ରକୃତିର ସୁରକ୍ଷାକାରୀ ରୂପେ ନିଜକୁ ଅବସ୍ଥାପିତ କରିବା ହେଉଛି ଆଜିର ଆହ୍ୱାନ ।

ବିଶ୍ୱରେ ଉପଲବ୍ଧ ଥିବା ଆନୁମାନିକ ୫୪.୭-୩୧୯ କୋଟି ସଂଖ୍ୟାର ପୋଖରୀମାନେ ସମ୍ମୁଖୀନ ହେଉଥିବା ମୁଖ୍ୟ ଆହ୍ୱାନଗୁଡିକ ଚିହ୍ନଟ କରିବା ଏବଂ ବିପଦସବୁକୁ ପ୍ରତିହତ କରି ସେମାନଙ୍କର ସୁରକ୍ଷା ଓ ସଂରକ୍ଷଣ ମାଧମରେ ହ୍ରାସ ପାଉଥିବା ମଧୁରଜଳ ଜୈବବିବିଧତାର ପୁନରୁଦ୍ଧାର ନିମନ୍ତେ କାର୍ଯ୍ୟପନ୍ଥା ଗ୍ରହଣ କରିବା ଆମର ନୈତିକ କର୍ତ୍ତବ୍ୟ । ଏହି ଦିଗରେ ଜାତୀୟ ଏବଂ ଆନ୍ତର୍ଜାତୀୟ ସଂରକ୍ଷଣ ନୀତିଗୁଡିକୁ ବିସ୍ତୃତ ରୂପେ କାର୍ଯ୍ୟକାରୀ କରିବା ନିମନ୍ତେ ସହଯୋଗ ଏବଂ ପ୍ରତିବଦ୍ଧତା ଜରୁରୀ ଅଟେ । ଏହାକୁ ସୁଯୋଗ ରୂପେ ଗ୍ରହଣ କରି ଅଧିକ ପ୍ରଭାବଶାଳୀ ବ୍ୟବହାରିକ ସଂରକ୍ଷଣ ଏବଂ ପରିଚାଳନା କୌଶଳ ବିକାଶ ପ୍ରକ୍ରିୟାରେ ଯୁବଶକ୍ତି ବଳିଷ୍ଠ ଯୋଗଦାନ ରଖିଲେ ପୋଖରୀ ପରି ଜଳୀୟ ପରିସଂସ୍ଥାର ଭବିଷ୍ୟତ ସୁରକ୍ଷା ନିଶ୍ଚିତ ରୂପେ ସମ୍ଭବପର ହେବ । ଆସନ୍ତୁ, ଜାତିସଂଘର 'ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି' (୨୦୨୧-୨୦୩୦) ପଦକ୍ଷେପକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏବଂ Youth4Water Plus ଆନୁକୂଲ୍ୟରେ ଆରମ୍ଭ ହୋଇଥିବା 'ଆମ ପୋଖରୀ କଥା' ଅଭିଯାନରେ ସାମିଲ ହୋଇ ପୋଖରୀମାନଙ୍କର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆମ ପରିବେଶର ଗୁଣାତ୍ମକ ମାନକୁ ସମୃଦ୍ଧ କରିବା ।



**ଡ. ଜୟକୃଷ୍ଣ ପାଣିଗ୍ରାହୀ**
ସମ୍ପାଦକ, ଓଡିଶା ପରିବେଶ ସମିତି



Greetings,

As we embark on the celebration of Odisha Pond Week, it fills me with great pride and enthusiasm to witness the dedication of Youth4Water Plus towards the preservation and revitalization of our precious water bodies.

Ponds hold a special place in our cultural and ecological landscape, serving as vibrant ecosystems teeming with life and as vital sources of water for communities across generations. They are not just bodies of water; they are repositories of memories, stories, and wisdom passed down through time.

The 'Ama Pokhari Katha' booklet serves as a poignant reminder of the rich tapestry of narratives woven around our ponds. Through these stories, we not only learn about the historical significance and ecological importance of ponds but also the profound connections they foster within communities.

As we delve into the pages of this booklet, let us rekindle our appreciation for the invaluable role ponds play in sustaining life and livelihoods. Let us commit ourselves to the stewardship of these water bodies, ensuring their cleanliness, preservation, and accessibility for generations to come.

I commend Youth4Water Plus for their tireless efforts in raising awareness and engaging youth in this noble cause. Together, let us continue to work towards a future where our ponds thrive as vibrant hubs of biodiversity and cultural heritage.

With warm regards,

Dr. Sagar Pradhan
Environmentalist & Author
Kendrapara, Odisha





**Dr. Sagar Pradhan**
**Environmentalist & Author**



# ସୂଚୀପତ୍ର

## ଆମ ପୋଖରୀ ଆମ ଗର୍ବ


- ନରେନ୍ଦ୍ର ପୋଖରୀ
- ବିନ୍ଦୁ ସାଗର
- ପେଟୋନ୍ ସାହି ପୋଖରୀ
- ଗଙ୍ଗା ମନ୍ଦିର ପୋଖରୀ
- ଦେଉଳବନ୍ଧ ପୋଖରୀ
- ପଞ୍ଚାୟତ ପୋଖରୀ
- ଗାଙ୍ଗପୁରା ପୋଖରୀ


## ଲୋକକଥା


- ଚିନ୍ତୁଲାବନ୍ଧ ପୋଖରୀ
- ହାକଣ୍ଡ ପୋଖରୀ
- ରାଣୀ ପୋଖରୀ


## ଗପ ହେଲେ ବି ସତ


- ଡର
- ଆମ ଗାଁ ପୋଖରୀ
- ପୋଖରୀ ର ଅନ୍ତ କଥା
- ମୁଦି
- ସ୍ମୃତି
- ଅବଦାନ
- ଉଦ୍ୟମ
- ମନୋବଳ
- ଶିଉଳୀ
- ଋଣ


## ବିଶେଷାଙ୍କ


- ପୋଖରୀ ଲୋଡା ସବୁରି
- ଏକ ପ୍ରାଣ ବିନ୍ଦୁ

# ଆମ ପୋଖରୀ
# ଆମ ଗର୍ବ

# ନରେନ୍ଦ୍ର ପୋଖରୀ

**ପୁରୀ**
**ଦୈର୍ଘ୍ୟ – ୮୭୩ ଫୁଟ**
**ପ୍ରସ୍ଥ – ୮୩୪ ଫୁଟ**

ନରେନ୍ଦ୍ର ପୁଷ୍କରିଣୀ, ପୁରୀ ଶ୍ରୀ ମନ୍ଦିର ଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ । ୮୭୩ ଫୁଟ ଦୈର୍ଘ୍ୟ ଓ ୮୩୪ ଫୁଟ ପ୍ରସ୍ଥର ଏକ ବିଶେଷ ଧରଣର ପୋଖରୀ । ଅକ୍ଷୟ ତୃତୀୟା ରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରା ର କ୍ଷେତ୍ର ଏହି ନରେନ୍ଦ୍ର ପୁଷ୍କରିଣୀ । ଚାରିପଟେ ଶାଣ ଶିଳାର ପଥର ବନ୍ଧରେ ଆବେଷ୍ଟିତ ନରେନ୍ଦ୍ର ପୁଷ୍କରିଣୀ ର ଆୟତନ ୧୮ ଏକର । ପୋଖରୀ ଜଳକୁ ଓହ୍ଲାଇବା ପାଇଁ ସମୁଦାୟ ୧୫ ଟି ତୁଠ ରହିଛି ।

ପୁଷ୍କରିଣୀ ର ଜଳ ମଧ୍ୟରେ ରହିଛି ଚନ୍ଦନଯାତ୍ରା ପାଇଁ ଗୋଟିଏ ଆସ୍ଥାନ, ଯାହାର ନାମ ଚନ୍ଦନ ଘର । ସେହି ଆସ୍ଥାନ ଟି ୭୦ ଫୁଟ ଲମ୍ବ ଓ ପ୍ରସ୍ଥର ଗୋଟିଏ ବର୍ଗାକାର କ୍ଷେତ୍ର । ମନ୍ଦିର ପରିଭାଷା ରେ ଦେବତା ମାନଙ୍କର ନୌବିହାର କୁ ଚନ୍ଦନ ଯାତ୍ରା କୁହାଯାଏ । ମନ୍ଦିର ରୁ ପଟୁଆର ରେ ଆସିବା ପରେ ଦିଅଁ ମାନେ ଯେଉଁ ଜଳଯାତ୍ରା କରନ୍ତି, ତାହାକୁ କୁହାଯାଏ ଦିନଚାପ ଏବଂ ପରେ ଚନ୍ଦନ ଘରେ କେତୋଟି ଉପଚାର ସମାପ୍ତ ହେଲାପରେ ପୁନଶ୍ଚ ଯେଉଁ ନୌବିହାର କରନ୍ତି ତାହାକୁ କୁହାଯାଏ ରାତ୍ରୀ ଚାପ । ଏହି ପୁଷ୍କରିଣୀ ଗଜପତି କପିଳେନ୍ଦ୍ର ଦେବ ଙ୍କ ଭାଇ ନରେନ୍ଦ୍ର ଦେବ ଙ୍କ ଦ୍ୱାରା ଖନନ କରାଯାଇଥିଲା .



# ବିନ୍ଦୁସାଗର ପୋଖରୀ

**ଭୁବନେଶ୍ୱର**
**ଦୈର୍ଘ୍ୟ – ୧୩୦୦**
**ପ୍ରସ୍ଥ – ୭୦୦**

ଭୁବନେଶ୍ୱର ସ୍ଥିତ ଜଳାଶୟ ମଧ୍ୟରୁ ବିନ୍ଦୁସାଗର ଶ୍ରେଷ୍ଠ ବୋଲି ବିବେଚିତ ହୁଏ, ଏହି ପୁଷ୍କରିଣୀର ଦୈର୍ଘ୍ୟ ୧୩୦୦ଫୁଟ ପ୍ରସ୍ଥ ୭୦୦ ଫୁଟ । ଏହାର ମଧ୍ୟ ସ୍ଥଳରେ ୧୦୦ ଫୁଟ ଦୈର୍ଘ୍ୟ,୧୧୦ ଫୁଟ ପ୍ରସ୍ଥ ବିଶିଷ୍ଟ ଏକ ଜଗତି ବା ଦୀପଦଣ୍ଡି ରହିଛି । ଏହା ଭୁବନେଶ୍ୱର ରେଳ ଷ୍ଟେସନ ଠାରୁ ୪-୫କିଲୋମିଟର ଦୂରରେ ଅବସ୍ଥିତ । ଏହା ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ର ଉତ୍ତର ରେ ଅବସ୍ଥିତ । ଏହି ପୁଷ୍କରିଣୀ ରେ ପ୍ରଭୁ ଲିଙ୍ଗରାଜ ଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ ।

ବିନ୍ଦୁସାଗରର ଚତୁଃପାର୍ଶରେ ଉଚ୍ଚପ୍ରାଚୀର ରହିଛି । ଏବଂ ପ୍ରବେଶ ପଥ ମାନଙ୍କରେ ସୁପ୍ରଶସ୍ତ ପାହାଚ ମାନ ରହିଛି । ଏହି ପୁଷ୍କରିଣୀ ର ପୂର୍ବ ଦିଗରେ ହାରବାସିନୀ, ଅନନ୍ତ ବାସୁଦେବ ଓ ବ୍ରହ୍ମା ମନ୍ଦିର , ଦକ୍ଷିଣ ରେ ଭବାନୀ ଶଙ୍କର ଓ ମୋହିନୀ ଶଙ୍କରାଣୀ ମନ୍ଦିର ଏବଂ ପଶ୍ଚିମରେ ପଶ୍ଚିମେଶ୍ୱର ଓ ମାର୍କଣ୍ଡେଶ୍ୱର, ଉତ୍ତରରେ ଉତ୍ତରେଶ୍ୱର ମନ୍ଦିର ଅବସ୍ଥିତ । ପୁରାଣ ର ବର୍ଣ୍ଣନା ମାନଙ୍କରୁ ଜଣାଯାଏ ଯେ, ସକଳ ତୀର୍ଥର ବିନ୍ଦୁ ବିନ୍ଦୁ ଜଳର ସମଷ୍ଟିରେ ଏହି ବିନ୍ଦୁସାଗର ର ସୃଷ୍ଟି । କିମ୍ବଦନ୍ତୀ ରୁ ଜଣାଯାଏ ଭଗବାନ ଶିବ ମା ପାର୍ବତୀ ଙ୍କର ତୃଷ୍ଣା ମେଣ୍ଟାଇବା ପାଇଁ ତ୍ରିଶୂଳ ମାରି ପାଣି ବାହାର କରିଥିଲେ । ସେଇଠୁ ବିନ୍ଦୁସାଗର ର ସୃଷ୍ଟି । ପୂର୍ବରୁ ବିଶ୍ୱାସ ରହିଛି ଏହି ପବିତ୍ର ପାଣିକୁ ପିଇଲେ ସବୁ ରୋଗ,ପାପ ନାଶ ହୁଏ ।



# ପେଟୋନ୍ ସାହି ପୋଖରୀ

**କଟକ**

ଆଜକୁ ୧୫୦ ବର୍ଷ ପୂର୍ବେ ଏହି ପୋଖରୀ । ପେଟୋନ୍ ସାହାବ ବୋଲି ଜଣେ ବ୍ରିଟିଶର ଥିଲେ । ତାଙ୍କର ଏହି ପୋଖରୀ ଥିଲା । ଯାହାଙ୍କ ନାମରେ ପେଟୋନ୍ ସାହି ହୋଇଛି । ଯେବେ ସେ ସାହି ଛାଡ଼ିକି ଗଲେ, ତାଙ୍କର ଯେଉଁ କର୍ମିମାନେ ଥିଲେ, ସେମାନଙ୍କୁ ସେ ଜାଗା ପୋଖରୀ ଦେଇକି ଗଲେ । ସେବେଠାରୁ ସେମାନେ ରକ୍ଷଣାବେକ୍ଷଣ କରୁଥିଲେ ।
ଏବେ ଏହି ପୋଖରୀ କୁ ଲିଜ୍ ରେ ଦିଆ ହୋଇଛି, ସେଥିରେ ମାଛ ଚାଷ ହେଉଛି । ବହୁ ପରିବାର ତା ଉପରେ ନିର୍ଭର କରୁଛନ୍ତି ।

ସ୍ଥାନୀୟ ବାସିନ୍ଦା



# ଗଙ୍ଗା ମନ୍ଦିର ପୋଖରୀ

**କଟକ**

ଗଙ୍ଗାମନ୍ଦିର ପୋଖରୀ ୧୫୦ ରୁ ୨୦୦ ବର୍ଷ ପୁରୁଣା । ଆଗରୁ ସାହି ବାସିନ୍ଦା ମାନେ ଏହାର ଦେଖାଶୁଣା କରୁଥିଲେ । ମାଛ ଚାଷ ହେଉଥିଲା,ଏହି ପୋଖରୀରେ ଚାପ ଖେଳ ମଧ ହେଉଥିଲା । ଏହାର ଏବେ ପୁନଃରୁଦ୍ଧାର କାମ ଚାଲିଛି । ଲୋକଙ୍କ ଆବଶ୍ୟକତା କୁ ଆଖି ଆଗରେ ରଖି ପ୍ରଶାସନ ଏହି କାମକୁ ହାତକୁ ନେଇଛନ୍ତି ।



# ଦେଉଳବନ୍ଧ ପୋଖରୀ

**ଜୟପୁର, କୋରାପୁଟ୍**

ଜୟପୁର ସହର ଠାରୁ ୧୫ କିଲୋମିଟର ଦୂରରେ ଏକ ଛୋଟିଆ ଗାଁ ଟିଏ ସୋଲାପା । ସେହି ଗାଁର ଅଳପ ଦୂରରେ ବାବା ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ଆଗରେ ପୋଖରୀ ଟିଏ । ଗାଁର ଲୋକମାନେ ସେହି ପୋଖରୀକୁ ଦେଉଳବନ୍ଧ ପୋଖରୀ ବୋଲି ଡାକନ୍ତି । ବହୁତ ବର୍ଷ ପୂର୍ବେ ଜୟପୁର ରାଜା ବିକ୍ରମଦେବଙ୍କ ଶାସନ ସମୟରେ ସେହି ପୋଖରୀ ନିର୍ମାଣ ହୋଇଥିଲା । ପୋଖରୀଟି ବହୁତ ବଡ ନଥିଲା, କେବଳ ମନ୍ଦିର କାର୍ଯ୍ୟ ପାଇଁ ବ୍ୟବହାର କରାହେଉଥିଲା । ଏବେ ସେହି ପୋଖରୀଟିର ପୁନଃରୁଦ୍ଧାର କରାଯାଇଛି । ଗ୍ରାମବାସୀ ମାନେ ଏହି ପୋଖରୀ ଉପରେ ଆଜି ନିର୍ଭରଶୀଳ ।

**ନୀଳାମ୍ବର ଜାନି**
ସୋଲାପା
ଜୟପୁର, କୋରାପୁଟ



# ପଞ୍ଚାୟତ ପୋଖରୀ

**ସାନ ନୂଆଗାଁ, ରେତଙ୍ଗ**

ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ହେବାପରେ, ସେହି ପଞ୍ଚାୟତ ର ଲୋକମାନଙ୍କର ଆବଶ୍ୟକତା କୁ ଆଖି ଆଗରେ ରଖି ଏହି ପୋଖରୀ ଖୋଳା ହୋଇଥିଲା । ପୋଖରୀଟି ୧୯୯୮ ମସିହାରେ ଖୋଳା ହୋଇଥିଲା । ଲୋକମାନେ ତାଙ୍କର ଆବଶ୍ୟକତା ମେଣ୍ଟାଇ ପାରୁଛନ୍ତି

**ଶୀକାନ୍ତ ବଳିୟାରସିଂହ**
ସାନ ନୂଆ ଗାଁ, ରେତଙ୍ଗ



# ଗାଙ୍ଗପୁରା ପୋଖରୀ

**ବାଲେଶ୍ୱର**

ଏହି ପୋଖରୀ ଆମ ଗର୍ବ ଓ ଗୌରବ । ଆମ ଗାଁର ଲୋକଙ୍କ ଆବଶ୍ୟକତା କୁ ମେଣ୍ଟାଏ । ପଶୁପକ୍ଷୀଙ୍କର ତୃଷ୍ଣା କୁ ମେଣ୍ଟାଏ । ଗଛରେ ବି ପାଣି ଦେବାକୁ ଏହି ପୋଖରୀ ର ଆବଶ୍ୟକତା ପଡ଼େ । ଗରମ ରୁ ତ୍ରାହି ପାଇବା ଓ ସମସ୍ତଙ୍କର ମନୋରଞ୍ଜନ ର ଗୋଟିଏ ମାଧମ ଆମ ଗାଁ ର ଏହି ପୋଖରୀ ।

**କମଳଲୋଚନ ପଣ୍ଡା**
ବାଲେଶ୍ୱର



ଲୋକ
କଥା

# ଚିନ୍ତୁଲା ବନ୍ଧ ପୋଖରୀ

**ରବିନ୍ଦ୍ର କୁମାର ଗମାଙ୍ଗ**
ଏସ୍.ଉରୁଡ଼ା, ରମ୍ଭା
ଗରାବନ୍ଧ, ଗୋଷାଣୀ
ଗଜପତି, ଓଡ଼ିଶା

ବହୁତ ଦିନ ତଳର କଥା । ଜଣେ ବୁଢ଼ୀ ମା ଥିଲେ । ଯାହାର ନାଁ ଥିଲା ଚିନ୍ତୁଲା । ଗାଁର ସମସ୍ତେ ତାଙ୍କୁ ଭାରି ଭଲ ପାଉଥିଲେ । ବୟସର ଅପରାହ୍ନ ରେ ପହଞ୍ଚିଥିଲେ ମଧ୍ୟ ସେ ହାରି ନ ଥିଲେ । ସବୁକାମ ନିଜେ କରିପାରୁଥିଲେ । କେଉଁଠୁ ଏତେ ବଳ ଆସୁଥିଲା କେଜାଣି ? ତାଙ୍କ ଘର ପାଖରେ ଏକ ଗାଡ଼ିଆ ଥିଲା । ସେ ଗାଡ଼ିଆ ଟି ଯେମିତି ଚିନ୍ତୁଲା ବୁଢ଼ୀମା ର ଥିଲା ସବୁଠୁ ବଡ଼ ସମ୍ବଳ । ସେ ଏଇ ଗାଡ଼ିଆ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲା । ଘରର ବାସନମଜା ଠୁ ନେଇ ରୋଷେଇ ଯାଏ । ପୁଣି ନିଜର ନିତ୍ୟକର୍ମ ଯାଏ । ସେ ଯେମିତି ସେ ଗାଡ଼ିଆ କୁ ନିଜର ପିଲା ଭଳି  ବ୍ୟବହାର କରୁଥାଏ । ସେହି ଗାଡ଼ିଆର ପାଣି କିପରି ସଫା ରହିବ, ସେଥିରେ ଚୁନ ପକଉଥାଏ। ଏହା କିପରି ସୁନ୍ଦର ଦେଖାଯିବ , ତାର ହୁଡ଼ାରେ ଫୁଲଗଛ, କଦଳୀ ଗଛ ବି ଲଗେଇଥାଏ । ସେଇ ପୋଖରୀକୁ ଲାଗି ଗୋଟିଏ ବରଗଛ ବି ଥାଏ । ସେ ପୋଖରୀ କୁ ଆହୁରି ସୁନ୍ଦର କରଉଥାଏ । ଚିନ୍ତୁଲା ବୁଢ଼ୀ ଘରର କାମ ସାରି  ସେହି ପୋଖରୀ କୁ ଯଗି ବସୁଥାଏ, ସେଇ ଗଛମୂଳରେ ବିଶ୍ରାମ ମଧ୍ୟ କରେ । ଗାଁର ଲୋକେ କେହି କେବେ ଚିନ୍ତୁଲା ବୁଢ଼ୀମା କୁ କୁଆଡ଼େ ବାହାରକୁ କେବେ ଯିବାର ଦେଖିନାହାନ୍ତି , ଯେବେ ପଚାରିଲେ ସେ କୁହେ । ମୁଁ ଆଉ ମୋର ଗାଡ଼ିଆ, ଏଇ ତ ମୋର ସମ୍ପତ୍ତି । ଏଥିରେ ବନ୍‌ସି ପକେଇ ମାଛ ଧରେ, ଏଇଠି ମୋର ଛେଳି, ଗାଈ ଙ୍କୁ ଗାଧୋଇଦେଇ ସଫା ରଖେ, ମୋର ସକାଳ ସେଇଠି ଆରମ୍ଭ ଆଉ ଏଇଠି ଦିନ ଶେଷ, ମୁଁ କୁଆଡ଼େ ଯିବି ତାକୁ ଛାଡ଼ି ? ଗାଁ ରେ ସମସ୍ତେ ଚିନ୍ତୁଲା ବୁଢ଼ୀମା ର ସେ ଗାଡ଼ିଆ ପ୍ରତି ଭଲ ପାଇବା ଦେଖି ଭାରି ଖୁସୀ ହେଉଥିଲେ । ଧିରେ ଧିରେ ସେ ରୋଗାଗ୍ରସ୍ତ ହେବାକୁ ଲାଗିଲା । ଏଥର ଆଉ ଚିନ୍ତୁଲା ବୁଢ଼ୀମା  ଭଲ ହେଲାନି । ସେ କିନ୍ତୁ ଶେଷଯାଏଁ କହୁଥିଲା ମୁଁ ଚାଲିଯିବି ସିନା ହେଲେ ମୋ ପୋଖରୀ କୁ ତୁମେମାନେ ଅଣଦେଖା ବା ଅବହେଳା କରିବନି । ଗାଁ ଲୋକ ତାର କଥାକୁ ସମ୍ମାନ ଦେଲେ ଆଉ ଏହି ଗାଡ଼ିଆ ଟି “ଚିନ୍ତୁଲା ପୋଖରୀ” ନାଁ ରେ ଆଜି ନାମିତ । ଏହାକୁ ସମସ୍ତ  ଙ୍କ ସହଯୋଗ ରେ ପୁନଃନିର୍ମାଣ କରାଯାଇଛି । ଏହି ପୋଖରୀ ଉପରେ ଆଜି ପ୍ରାୟତଃ ୧୦ ଟି ଗାଁ ନିର୍ଭର କରି ଚଳୁଛନ୍ତି । କୃଷିକାର୍ଯ୍ୟ ପାଇଁ ମଧ୍ୟ କୃଷକମାନେ ଏହି ପୋଖରୀ ଉପରେ ନିର୍ଭର କରୁଛନ୍ତି ।



# ହାକଣ୍ଡ ପୋଖରୀ



**ସତ୍ୟଜିତ୍ ଦାସ**
ବସ୍ତା, ବାଲେଶ୍ୱର

ଆମ ଗ୍ରାମବାସୀଙ୍କ କହିବା ଅନୁସାରେ ପ୍ରାୟ୍ ଏହି ପୋଖରୀ ୧୦୦ ବର୍ଷ ପୂର୍ବର । ଏହାର ନାମ ହାକଣ୍ଡ ପୋଖରୀ । ବହୁବର୍ଷ ପୂର୍ବେ ଆମ ଗାଁର ଜଣେ ବ୍ରାହ୍ମଣ ଙ୍କୁ ସ୍ୱପ୍ନାଦେଶ ହୋଇଥିଲା । ସେ ଗ୍ରାମବାସୀ ଙ୍କ ସହ ଆଲୋଚନା କଲେ, ସେବେଠାରୁ ଗାଁର ୧୫ ଟି ପରିବାର ର ୧୫ ଜଣଙ୍କୁ ପଇତା ପକାଯାଏ । ସେମାନଙ୍କୁ ସଂକଳ୍ପ କରାଯାଇ ଜଗତର କଲ୍ୟାଣ ପାଇଁ ୫/୬ ଦିନ ଯାଏ ପୂଜାର୍ଚ୍ଚନା କରାଯାଏ । ଯେଉଁ ଜାଗାରେ ପୂଜାର୍ଚ୍ଚନା କରାଯାଏ, ସେହି ସ୍ଥାନକୁ ହାକଣ୍ଡ କୁହାଯାଏ । ସେଇ ପୂଜାରେ ବ୍ୟବହାର ହେଉଥିବା ପାଣି ଏହି ପୋଖରୀ ରୁ ହିଁ ନିଆଯାଏ । ପ୍ରଥମେ ଏହି ପୂଜା ପାଇଁ ଯେବେ ପାଣି ଦରକାର ହେଲା,ଛୋଟ ପୋଖରୀଟିଏ ଖୋଳା ହୋଇଥିଲା, ସେହି ପୂଜା ପାଇଁ ପୋଖରୀ ହୋଇଥିବାରୁ ତାର ନା ହାକଣ୍ଡ ପୋଖରୀ ରଖାଗଲା । ଛୋଟବେଳେ ଆମେ ଡରୁଥିଲୁ ସେ ପୋଖରୀ ପାଖକୁ ଏକୁଟିଆ ଯିବାକୁ । ଏହି ପୋଖରୀ ରୁ ମଙ୍ଗଳବାର ବା ଶନିବାର ରାତିରେ ଥରେ ଘଟ ଉଠାଯାଏ । ଗ୍ରାମବାସୀଙ୍କୁ ସଚେତନ କରାଯାଏ ଯେ କେହି ପୋଖରୀ ପାଖକୁ ଯିବେନାହିଁ ବା ପାଣିକୁ ଛୁଇଁବେ ନାହିଁ । ଗୃହ ପାଳିତ ପଶୁମାନଙ୍କୁ ମଧ୍ୟ ଆକଟ କରାଯାଏ । ଏବେ ବି ଲୋକଙ୍କ ମନରେ କେଉଁଠି ନା କେଉଁଠି ଟିକେ ଡର ରହିଛି । ଏହାକୁ ଖୋଳାଯାଇ ତାହାର ଆୟତନ ବଢ଼ିଗଲାଣି । ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ଭାବେ ଏହାର ରକ୍ଷଣାବେକ୍ଷଣ କରୁଛନ୍ତି ।

# ରାଣୀ ପୋଖରୀ

**ଶିବାଶିଷ ଦାସ**
ତରାଣ୍ଡୋ, କେନ୍ଦ୍ରାପଡ଼ା

ଆମ ଗାଁର ଏହି ପୋଖରୀଟି କମ୍ୟୁନିଟି ହେଲ୍‌ଥ ସେଣ୍ଟର ପାଖରେ ଅଛି । ବହୁତ ଜଣ ଏହାକୁ ଡାକ୍ତରଖାନା ପୋଖରୀ ବୋଲି ମଧ୍ୟ ଡାକିଥାନ୍ତି ।

ଏହି ପୋଖରୀର ନାଁ ରାଣୀ ପୋଖରୀ ହୋଇଛି, ଗାଁ ଲୋକଙ୍କ କହିବା ଅନୁଯାୟୀ ପ୍ରାୟ ୧୫୦ ବର୍ଷ ପୂର୍ବରୁ ଏହି ପୋଖରୀଟିକୁ ରାଜା ରାଣୀଙ୍କ ପାଇଁ ତିଆରି କରିଥିଲେ । ସେହି ସମୟରେ ଏହି ପୋଖରୀ ପାଖାପାଖି ଆହୁରି ଦୁଇଟି ଛୋଟ ପୋଖରୀ ମଧ୍ୟ ଥିଲା ।ସେତେବେଳେ ଏହି ଯାଗା ଘଞ୍ଚ ଜଙ୍ଗଲ ଥିଲା । ଜଙ୍ଗଲ ରୁ ଜୀବଜନ୍ତୁ ଆସି ଏଇଠି ପାଣି ପିଉଥିଲେ । ଧିରେ ଧିରେ ସମୟ ବଦଳିବା ସହିତ କିଛି କିଛି ବଦଳିଛି । ଏଇଠି ମାଛଚାଷ କରା ହେଉଛି । ଏମିତିକି ଏପ୍ରିଲ୍ ମାସରେ ବାସନ୍ତିଦୁର୍ଗା ପୂଜାରେ କଳସବୁଡ଼ା ଏହି ପୋଖରୀରେ କରାଯାଇଥାଏ, ଏହାର ମାଟି ବାଲିଆ ହୋଇ ଥିବାରୁ କେହି କେହି ବାଲି ପୋଖରୀ ମଧ୍ୟ କହିଥାନ୍ତି ।



ଗପ ହେଲେ ବି ସତ

# ଡର



**ଏସ.କେ ରିୟାଜ**
ନୁଆସାହି, ଭଦ୍ରକ

ମ୍ୟାଟ୍ରିକ୍ ପରୀକ୍ଷା ଜୀବନରେ ଯେମିତି ଏକ ମୋଡ଼ । ସେଇଠୁ ଆରମ୍ଭ ହୋଇଥାଏ ଆଉ ଏକ ନୁଆ ଯାତ୍ରା । ବର୍ଷସାରା ମୁଁ ଅପେକ୍ଷା କରି ବସିଥାଏ ଖରାଛୁଟିକୁ । ଖରାଛୁଟି ଥାଏ ଲମ୍ବା ଛୁଟି । ବିଶେଷ କରି ଖରାଛୁଟି ଆସିଲା ମାନେ ମାମୁଁଘର କଥା ମନେ ପଡ଼େ । ସେ ମାମୁଁଘର,ଗାଁ ଦାଣ୍ଡ,ବାଗୁଡ଼ି ଖେଳ । ଖରା ଯୋଗୁଁ ପୋଖରୀ ମାନଙ୍କରେ ଡିଆଁ ଖେଳ ସବୁ କେମିତି ମୋତେ ଟାଣିନିଏ ମାମୁଁ ଘରକୁ । ମାମୁଁଘର ଭଦ୍ରକ ସହର ଠୁ ୧୨ କିମି: ଦୂରରେ ଗୁଜିଦରଡ଼ା । ମୋର ମ୍ୟାଟ୍ରିକ୍ ପରୀକ୍ଷା ପରେ ମୁଁ ଓ ମୋର ଭାଇ ମାମୁଁ ଘରକୁ ଯାଇଥାଉ । ଆଜିବି ସେ ଘଟଣା ମନେ ପଡ଼ିଲେ ଦେହ ମୋର ଶୀତେଇ ଉଠେ । ସେଦିନ ଥିଲା ରବିବାର, ଘରେ ଆମେମାନେ ଯାଇଥାଉ ବୋଲି ମାମୁଁ ବଡ଼ ଭାକୁର ମାଛ ଆଣିଥାନ୍ତି । ସକାଳୁ ସକାଳୁ ମାଛଭଜା, ପଖାଳ ଖାଇ ବାହାରିଯାଇଥିଲୁ  ଗାଁ ଦାଣ୍ଡକୁ । ସେହି ଗାଁର କିଛି ପିଲାଙ୍କ ସହିତ ମଧ ବନ୍ଧୁତା ହୋଇଯାଇଥାଏ । ସମସ୍ତେ ଭାବିଲୁ, ଆଜି  ଚାଲ ପୋଖରୀରେ ମିଶି ଗାଧୋଇବା । ମୁଁ ବି ଭାରି ଖୁସୀ ହୋଇଯାଇଥିଲି । ହେଲେ ମନରେ କେଉଁଠି ନା କେଉଁଠି ଡର ଥିଲା । ମୁଁ ପହଁରା ଶିଖିନଥିଲି । ସାଙ୍ଗମାନେ ସାହସ ଦେଇଥିଲେ ଆରେ ଡରୁଛୁ କଣ ? ଆମେ ଅଛୁ ଚାଲେ । ପୋଖରୀ କୁ ଦେଖି ମୁଁ ଖୁସୀରେ ରହିପାରିନଥିଲି । ଗୋଟିଏ ଡିଆଁରେ ସିଧା ପୋଖରୀ ଭିତରେ ହେଲେ ସେ ପୋଖରୀ ରେ ପଙ୍କ ଥିଲା ବୋଲି ଜାଣି ନ ଥିଲି । ହଠାତ୍ ମୁଁ ଯେମିତି ବୁଡ଼ିବାକୁ ଲାଗିଲି । ମୋ ଗୋଡ଼ ପଙ୍କ ଭିତରେ ଲାଖି ଯାଉଥାଏ । ମୋତ ବଞ୍ଚାଅ ବଞ୍ଚାଅ ବୋଲି ମୁଁ ପାଟି କରୁଥାଏ ମୋର ପାଟିଶୁଣି ସାଙ୍ଗମାନେ ମଧ ଡରି ଯାଇଥାନ୍ତି । ସେମାନେ ବଞ୍ଚେଇବେ କଣ, ଡରରେ ସେଠାରୁ ଦୌଡ଼ି ପଳେଇଲେ । ହେଲେ ମୋ ଭାଇ ସେମିତି ସେଠି ଠିଆ ହୋଇ ରହିଲା । ଆଉ ମତେ ବଞ୍ଚେଇବାକୁ ସିଧା ପୋଖରୀ ଭିତରେ ପଶିଯାଇଥିଲା । ହେଲେ ସେ ବି ପହଁରା ଜାଣିନଥିଲା । ଆଉ ତା ଗୋଡ଼ ବି ସେ ଦଳରେ ଲାଖିଗଲା । ଦୁଇଭାଇ ସେ ପଙ୍କଭର୍ତ୍ତି ପୋଖରୀରେ ତଳକୁ ତଳକୁ ବୁଡ଼ିବାକୁ ଲାଗିଥାଉ ଆଉ ବଞ୍ଚାଅ ବଞ୍ଚାଅ ବୋଲି ଚିହ୍ନାର ଛାଡୁଥାଉ ।

ଗାଁ ଲୋକମାନେ ଆମ ପାଟିଶୁଣି ଦୌଡ଼ି ଆସିଲେ ଏବଂ ଯିଏ ପହଁରା ଜାଣିଥିଲେ, ଆମକୁ ଆସି ଉଦ୍ଧାର କରିଥିଲେ । ଆମେ ପାଣି ପିଇଯାଇଥିଲୁ । ଆମେ ଦୁଇଭାଇ ଯାକ ବଞ୍ଚିବୁ ବୋଲି ଆଶା ଛାଡ଼ିଦେଇଥିଲୁ । ଆମ ଦୁହିଁଙ୍କୁଡାକ୍ତରଖାନାରେ ଭର୍ତ୍ତିକରାଗଲା । ଦୁଇଦିନ ପରେ ଆମେ ଠିକ୍ ହୋଇ ଫେରିଲୁ ମାମୁଁ ଘରକୁ । ସେଇ ଘଟଣା ଗ୍ରାମବାସୀଙ୍କ ମନରେ ଡ଼ର ସୃଷ୍ଟି କଲା । ଗାଁ ଲୋକମାନେ ଏକଜୁଟ ହୋଇ ପୋଖରୀ ପଙ୍କ ସଫାକଲେ । ଏବେ ସେ ପୋଖରୀର ରୂପରେଖ ବଦଳିଯାଇଛି ସତ, ହେଲେ ଏବେ ବି ମାମୁଁ ଘର କୁ ଯିବାକଥା ହେଲେ ବା ସେ ପୋଖରୀ କୁ ଦେଖିଲେ ମନରେ ଛନକା ପଶିଯାଏ । ସେଦିନର ଘଟଣା ମନଭିତରେ ଡର ହୋଇ ବସା ବାନ୍ଧି ରହିଗଲା ....................



# ଆମ ଗାଁ ପୋଖରୀ



**କମଳ ଲୋଚନ ପଣ୍ଡା**
ଗାଙ୍ଗପୁରା, ବାଲେଶ୍ୱର

ପୋଖରୀ ନାଁ ଶୁଣିଲେ କେମିତି ଗୋଟେ ଶିହରଣ ଖେଳିଯାଏ ମନ ଭିତରେ । ପୋଖରୀ ସହିତ ଯୋଡ଼ି ହୋଇ ରହିଛି ଅନେକ ସ୍ମୃତି, ଅନେକ କଥା । ପିଲାଦିନ ଠୁ ଆଜିଯାଏ ଯେମିତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ପୋଖରୀ ସହିତ, ଗାଁ ପୋଖରୀ ଆମର ଏକ ଯାଗା ଯାହା ସମସ୍ତଙ୍କୁ ଯୋଡ଼ିରଖେ । ଆଜି ବି ମନେପଡ଼େ ସେଦିନର କଥା । ଆମର ଯାହାର ଯାହା କଥା ଥାଏ, ଅପେକ୍ଷା କରିଥାଉ ସେଇ ଚାରିଟା ବେଳକୁ । ସୂର୍ଯ୍ୟ ନଇଁବା ବେଳକୁ । ଆମ ପ୍ରିୟ ପୋଖରୀହୁଡ଼ା କୁ । ଯାହାର ଯାହା ଗପପେଡ଼ି ଥାଏ, ଆରମ୍ଭ ହୋଇଯାଏ ସେଇଠି । କାହାର କେତେ କଥା । କିଏ ଘରୁ କଣ ପାଇଁ ଗାଳି ଖାଇଛି ତ କିଏ ପାଠରେ କେଉଁଠି ପଛରେ ରହିଛି । ପୁଣି କାହାର ସାଇକେଲ ବା କୌଣସି ନୁଆ ଯାଗାକୁ ନେଇ ନୁଆ ତଥ୍ୟ । ଏମିତି ଖଟା ମିଠା ଚଟ୍‌ପଟା କଥାରେ କେମିତି ସମୟ ସରିଯାଏ କିଛି ବି ଜାଣିପାରେନି । ଗାଁ ଠୁ ସହର, ସହର ଠୁ ରାଜ୍ୟ, ରାଜ୍ୟ ବାହାରର କଥା ଯାହାବି ଥାଏ ସବୁକିଛି ର ଆସର ସେଇଠି ଜମୁଥିଲା । ହୁଏତ ସମୟ ବଦଳିଲା, ବୟସ ମଧ୍ୟ ବଢ଼ିଲା କିନ୍ତୁ ବଦଳିଲାନି ସେ ପୋଖରୀ ସହିତ ସମ୍ପର୍କ । ସେ ପୋଖରୀ ହୁଡ଼ା ସହିତ ଆବିଳତା । ଏବେ ବି ସମୟ ଯେବେ ମିଳେ ଆମେ ଦୌଡ଼ିଯାଉ ସେ ପୋଖରୀ ହୁଡ଼ାକୁ । ସେଇଠି ବସିପଡୁ ଅନେକ ଆଲୋଚନାକୁ ନେଇ , ହୁଏତ ସମୟ ସହିତ, ବୟସ ସହିତ ଆଲୋଚନା ର ବିଷୟବସ୍ତୁ ବଦଳିଛି କିନ୍ତୁ ସ୍ଥାନ ବଦଳିନି । ସାକ୍ଷୀ ସେଇ ପୋଖରୀହୁଡ଼ା । ହଁ ଏବେ ଆମେ ପକ୍ଷୀମାନେ କିପରି ସୁବିଧା ରେ ପାଣି ପିଇପାରିବେ, ସେଇ ପୋଖରୀରୁ ପାଣି ନେଇ କେତେ ଯାଗାରେ ପାଣିପାତ୍ର ରଖାହୋଇଛି, ଯାହାକୁ ଯେତେବେଳେ ସମୟ ହୁଏ, ସେହି ପାତ୍ର ଗୁଡ଼ିକରେ ପାଣି ଭରାଯାଉଛି । ତା ଛଡ଼ା ପୋଖରୀ ହୁଡ଼ା ଠୁ ନେଇ ଅନେକ ଯାଗାରେ ବହୁତ ଗଛ ଲାଗିଛି। ଯେଉଥିରେ ପାଣି ଦିଆ ହେଉଛି ଏଇ ଆମ ପୋଖରୀରୁ ନେଇ । ଆଜି ଅନେକ ଗଛ ଆମେ ଲଗେଇଛୁ, ତା ପଛରେ ଆମର ଏଇ ଗାଁ ପୋଖରୀର ଅବଦାନ ବହୁତ । ଅନେକ ଭୋଜି, ଶୁଦ୍ଧିକର୍ମ, ମୁଣ୍ଡନ ଅନେକ କାହାଣୀରସାକ୍ଷୀ ଏଇ ଆମ ଗାଁ ପୋଖରୀ ।



# ପୋଖରୀର ଅନ୍ତ କଥା



**ପ୍ରଜ୍ଞାଅର୍ପିତା ପ୍ରଧାନ**
ଢେଙ୍କାନାଳ

ଜୀବନ ରେ ସବୁଆଶା କଣ ପୁରା ହୁଏ ? କିଛି ଆଶା, ସ୍ୱପ୍ନ ସବୁଦିନ ପାଇଁ ସେମିତି ହୃଦୟ ର ନିବୁଜ କୋଠରୀ ରେ ଆସ୍ଥା ଜମେଇ ହୋଇ ରହିଯାଏ, ଜୀବନ ଟା ଜୁଇ ନିଆଁ ରେ ଜଳିପୋଡ଼ି ପାଉଁଶ ହେବା ପର୍ଯ୍ୟନ୍ତ ।

ଏମିତି ବସି ଭାବୁଥିଲା ବେଳେ ଆଖିରୁ ଦି ଟୋପାଲୁହ ପ୍ରକୃତିସ୍ଥ କରିଦେଲା ପ୍ରକାଶକୁ । କମ୍ପୁଟର ବିଜ୍ଞାନ ବିଭାଗରେ ସ୍ନାତକୋତ୍ତର ପରେ ଭଲ ଗୋଟିଏ ସଫ୍ଟୱେର କମ୍ପାନୀରେ ଲକ୍ଷାଧିକ ଟଙ୍କାର ପ୍ୟାକେଜ୍ ରେ ଭଲ ଚାକିରୀ ଟିଏ ମିଳିଥିଲା । ଭଲ ଦି ପଇସା ରୋଜଗାର କରିବା ପରେ ବାପା, ବଉ ଙ୍କୁ ତୀର୍ଥସ୍ଥାନ ସବୁ ଭ୍ରମଣ ରେ ନେଇଥାନ୍ତା । କିନ୍ତୁ ସମୟର ବିଡମ୍ବନା ଆଗରେ କାହାରି ବା କଣ ସାମର୍ଥ୍ୟ ?

ଯିଏ ଏ ସ୍ୱପ୍ନରେ ଉଡ଼ାଣ ଭରିଥିଲେ, ସେ ତ ସ୍ୱପ୍ନକୁ ସବୁଦିନ ପାଇଁ ସ୍ୱପ୍ନରେ ରଖି ଚାଲିଗଲେ ଅଫେରା ରାଇଜର ଅତିଥି ସାଜି । ବାପା ବଉଙ୍କୁ ତୀର୍ଥସ୍ଥାନ ତ ଭ୍ରମଣ ରେ ନେଇପାରିଲି ନାହିଁ । ବାପାଙ୍କ ଶେଷକର୍ମ ଭଲରେ କରି ଦଶଖଣ୍ଡ ମୌଜା ଲୋକଙ୍କୁ ଖାଇବା ପିଇବା ଆପ୍ୟାୟିତ କରିବି ବୋଲି ଯୋଜନା କରିଲି । ହେଲେ ଏତେ ଲୋକଙ୍କୁ ଖାଇବା ଦେବାପାଇଁ ତ ତାଙ୍କର ଏତେ ବଡ଼ ଯାଗା ନାହିଁ । ହଠାତ୍ ମନେପଡ଼ିଗଲାସେଇ ପୋଖରୀ କଥା... ଆମ ପୋଖରୀ, ମନେପଡ଼ିଗଲାପିଲାବେଳ ର ସେଇ ଅଭୁଲା ମୁହୂର୍ତ୍ତ ସବୁ । ସେଇ ପୋଖରୀ କୁ ଲାଗି ବଡ଼ ଖୋଲାଯାଗା ଖଣ୍ଡେ ଅଛି । ଲୋକଙ୍କୁ ଲଗେଇ ସଫାକରିଦେଲି ସେଇ ଯାଗା ଖଣ୍ଡିକ । ୟେ କଣ ? ସେଦିନର ଆଉ ଆଜିର ପୋଖରୀ ମଧରେ ଆକାଶ ପାତାଳ ଫରକ । କୂଳରେ ଛିଡ଼ା ହୋଇଛି ତ , କାହାର ସ୍ୱର ଶୁଣାଗଲା ।"ଆଜି ମୁଁ ସମସ୍ତଙ୍କ ପାଇଁ ଅଦରକାରୀ ସାଜିଛି" । କିଏ ? ଚାରିଆଡ଼ ଆଖି ବୁଲେଇ ଆଣିଲି । କାନ ଡେରିଲି, ଶୁଣିଲି ପୋଖରୀ କହୁଛି । ତା ମନର କଥା । ତା ନିଜ କାହାଣୀ, ହଁ ତୁ ଆଜି ଯାହାକୁ ଦେଖୁଛୁ, ସମସ୍ତଙ୍କ ପାଇଁ ଆଜି ଅଦରକାରୀ, ଆଗରୁ ଲୋକମାନେ ରୋଷେଇ ଠାରୁ ଦିନଚର୍ଯ୍ୟା ସବୁକିଛି ପାଇଁ ମୋରି ଉପରେ ନିର୍ଭର କରୁଥିଲେ । ହେଲେ ଆଜି ସମସ୍ତ ଙ୍କ ଘରେ ଘରେ ନଳ ରେ ପାଣି ପହଞ୍ଚୁଛି । ଯେଉଁ ପୋଖରୀ ତୁଠ, ମହିଳା ମାନଙ୍କର ବିଧାନସଭା ଥିଲା, କୁଆଁରୀ ଝିଅ ମାନଙ୍କର ଖୁଦୁରକୁଣୀ ଓଷାରେ କଇଁଫୁଲ ଯାଉଥିଲା ପୂଜା ପାଇଁ । କାଚକେନ୍ଦୁ ଭଳି ଦିଶୁଥିବା ପାଣି ଆଜି ପଶୁପକ୍ଷୀଙ୍କ ପିଇବା ଯୋଗ୍ୟ ବି ହୋଇ ରହିନାହିଁ । ହଁ ମୋ ଆଖି ଲୁହ ପାଣି ସହ ମିଶିଯାଏ । କାହାକୁ କେମିତି ଦିଶିବ ଯେ ? ନିରବରେ ଅଶ୍ରୁ ବୋହି ଦିନେ କଣ ମୋର ସତ୍ତା ମାଟିରେ ମିଶିଯିବ ? ଏହି ସମୟରେ କାହାର ସ୍ୱର ରେ ପ୍ରକୃତିସ୍ଥ ହୋଇ ଉଠିଲା ପ୍ରକାଶ । ସେ ଯାହା ଶୁଣିଲା ସତ, ବାପା ଙ୍କ କର୍ମ ସରିବା ପରେ ପୋଖରୀର ପୁନଃରୁଦ୍ଧାର ପାଇଁ ସେ ନିଜେ ଲୋକ ଲଗେଇ କାମ କରିବ । ହେଲେ ପୋଖରୀର ଅନ୍ତକଥା ଶୁଣିବା ପରେ ଆଖିକୋଣ ଜକେଇ ଆସିଲା । ଯେଉଁ ଗାଁ ରେ ଜୀବନର ୨୦ ବର୍ଷ ବିତିଛି, ତାର ଏମିତି ଦୃଶ୍ୟ କେମିତି ସହିବ ସେ ? ଗାଁ ରେ ଧିରେ ଧିରେ ସହରର ଆଧୁନିକୀକରଣ ର ଛାପ ପଡ଼ିଲାଣି ସତ, କିନ୍ତୁ ଗାଁ ମାଟି ପାଣି ପବନ ଆଉ ଲୋକଙ୍କ ମନଟା ବି ସବୁଦିନ ପୋଖରୀ ପାଣି ଭଳି ସ୍ୱଚ୍ଛଳ ଥିବ । ଆଜି ମର୍ମେ ମର୍ମେ ପ୍ରକାଶ ଅନୁଭବ କରିପାରୁଛି, କାହିଁକି ତାର ବାପା ଗାଁ ଛାଡ଼ି ତା ସହ ଯିବା ପାଇଁ ଅରାଜି ଥିଲେ ........।

# ମୁଦି

**ସଂଘମିତ୍ରା ପଟ୍ଟନାୟକ**
ପୁରୀ



କାର୍ଯ୍ୟବ୍ୟସ୍ତତା ହେତୁ ବହୁତବର୍ଷ ହେବ ଗାଁ କୁ ଯାଇନି, ପ୍ରକୃତ ରେ କାରଣ କିଛି ଅଲଗା ତଥାପି କାମର ଆଳ ଦେଖାଇ ରହିଯାଏ, ହେଲେ ବୋଉର ଦେହ ଟା ଏତେ ଖରାପ ତେଣୁ ଆଉ ନଯାଇ ରହିହେବନି । ସେ ବୋଉର ନିଷ୍ପାପ ମୁହଁଟା ବାର୍‌ବାର୍ ଆଖି ସାମ୍ନା ରେ ଭାସି ଉଠୁଥାଏ, କେତେ ବର୍ଷର ସେ ଅକୁହା କାହାଣୀକୁ ଛାତି ତଳେ ଚାପି ଆସି ଯାଇଥିଲି ଯେ, ଫେରିବାକୁ ଆଉ ଚାହିଁନି । ସକାଳୁ ସକାଳୁ ବାହାରି ଯାଇଥିଲି , ଗାଁ ରେ ପହଞ୍ଚୁ ପହଞ୍ଚୁ ଖରା ଆସି ମୁଣ୍ଡଉପରେ । ଗାଁ ଆଉ ଗାଁ ଭଳି ଲାଗୁ ନଥିଲା । ସବୁଆଡେ, ସହରୀ ଛାପ ହେଲେ ବଦଳି ନଥିଲା ଗାଁର ଆମ୍ବତୋଟା କଡ଼ ସେ ପୋଖରୀଟା । ସେ ପୋଖରୀ ପାଖେ ଘଡ଼ିଏ ବସିଲି । ପିଲାବେଳର କଥା କୁ ମନେ ପକେଇବାକୁ ଲାଗିଲି । କିପରି ଏହିଖରାଦିନେ ପୋଖରୀ ବୁହା ହେଉଥିଲା, ମାଛ ଧରା ହେଉଥିଲା ପଙ୍କରେ ପଶି ହାତ ସଲବଲ କରି ସମୟ କାଟୁଥିଲୁ ଏମିତି କେତେ କଣ............................ଏ କଣ ? ପୋଖରୀ ଭିତରେ କଣ ଗୋଟେ ଚିକ୍ ଚିକ୍ କରୁଛି ? ??ଆରେ ଏଇଟା ତ ସୁମିକୁ ଦେଇଥିବା ମୁଦି । ସେ କଣ ଏଇଠି ଫୋପାଡି ଦେଇଛି ? ଏଇଠିକୁ ସେ ମୁଦି ଆସିଲା କେମିତି ? ସୁମିର ବାହାଘର କୁ ବି ତ ୫ ବର୍ଷ ପୁରିଗଲାଣି । ହେଲେ ଏ ମୁଦି ଏଠି ? ଆଜି ବି ମନେ ଅଛି ପାଖରେ ପଇସା ନଥିଲା, କୌଣସିମତେ ପଇସା ଯୋଗାଡ଼ କରି ସୁମିର ଜନ୍ମଦିନରେ ତା ପାଇଁ ବଣିଆ ଠାରୁ ତିଆରି କରେଇଥିଲି ଏ ମୁଦିଟି, ସେଥିରେ ସୁମିର ନାଁ ବି ଖୋଦେଇ ଥିଲି । ହଠାତ୍ କାହାର ହାତ ସ୍ପର୍ଶ ରେ ପଛକୁ ବୁଲି ଦେଖିଲି ଅନୁଜ୍ , ସୁମିର ସାନଭାଇ, ଦେଇ.. ଦେଇ ଆଉ ନାହିଁ । ୧୫ ଦିନ ତଳେ ଏଇ ପୋଖରୀ କୁ ଡେଇଁ ଆତ୍ମହତ୍ୟା କରିଛି । ଯେଉଁ ପୋଖରୀ ହିଁ ଥିଲା ଆମ ଦୁଇଙ୍କର ସାକ୍ଷୀ । ଏଇ ପୋଖରୀ ହିଁ ଥିଲା ଆମର କେତେ ବସନ୍ତର ମୁକ ସାକ୍ଷୀ । ହେଲେ ମୋ ମନ ମାନୁନି, ଯିଏ ନିଜ ବାପା ମାଙ୍କ ପାଇଁ ପିଲାଦିନର ଭଲପାଇବା କୁ ଆଡ଼େଇ ଦେଲା ସେତ ସେମାନଙ୍କ ମୁହଁ ଦେଖି ବଞ୍ଚିପାରିଥାନ୍ତା । ସେ ତ ଆସନପ୍ରସବା ଥିଲା । ଯଦି ସେ କିଛି ଅସୁବିଧାରେ ଥିଲା, କାହିଁକି ମୋତେ ଜଣେଇଲାନି ? ପୁଣି ଭାବିଲି, ମୁଁ ହିଁ ତ ସବୁ ବାଟ ବନ୍ଦ କରିଦେଇଥିଲି ମୋତେ ଯୋଗାଯୋଗ କରିବାର । ମୁଁ ଦୋଷୀ ନୁହେଁ କି ? ? ଆଜି ସେ ସନ୍ଦେହର ଜୁଇ ରେ ଜଳିଗଲା । ଭୁଲ୍ ଥିଲା କାହାର ? ମୋର, ସୁମିର, ସମୟର ? ? ବୋଉକୁ ସାଙ୍ଗରେ ନେଇ ବାହାରି ଯାଇଥିଲି ଗାଁରୁ । ପୋଖରୀକୁ ଦେଖି ପ୍ରଶ୍ନଭରା ଆଖିରେ ଅନେକ ଅବୁଝା ପ୍ରଶ୍ନ କୁ ସେଇଠି ଛାଡ଼ି ଆସିଗଲି ସହରକୁ ...........

# ସ୍ମୃତି



**ଚିରଞ୍ଜୀବୀ ବାଡ଼ତ୍ୟା**
ଗଞ୍ଜାମ, ବ୍ରହ୍ମପୁର

ଆଜି ହଠାତ୍ ପିଲାଦିନର କିଛି ସ୍ମୃତି କୁ ସାଉଁଟୁଥିବା ବେଳେ ମନେ ପଡ଼ିଗଲା ଗାଁ ପୋଖରୀ କଥା । ଆମ ଗାଁ ପୋଖରୀଟି ଆଠଟି ତୁଠ ବିଶିଷ୍ଟ ବଡ଼ ପୋଖରୀଟିଏ । ଚତୁଃପାର୍ଶ୍ୱ ନଡ଼ିଆ ଓ ବରଗଛ ରେ ପରିପୂଷ୍ଟ । ବଡ଼ ହୋଇ ପାଠ ପଢିବାକୁ ସହରକୁ ଆସିବା ପରେ ବହୁବର୍ଷ ହେଲା ଗାଁ ପୋଖରୀ କୁ ଆଉ ଯାଇନଥିଲି । ନିଜକୁ ଆଉ ସମ୍ଭାଳି ପାରିଲିନି , ଚାଲିଆସିଲି ପୋଖରୀ ଆଡ଼କୁ । ପୋଖରୀ ପାଖରେ ପହଞ୍ଚିଲା ବେଳକୁ ଏମିତି ଲାଗିଲା ସେତେଯେମିତି ଅତୀତ ର ସ୍ମୃତି ଗୁଡ଼ିକ ଜୀବନ୍ତ ହୋଇପଡ଼ିଛି । ସ୍କୁଲ୍ ଛୁଟି ପରେ ସାଙ୍ଗସାଥି ସହ ମିଶି ପୋଖରୀରେ ଗାଧୋଇବାର ମଜ୍ଜା । ଗାଁର ସମସ୍ତଙ୍କର ଯେମିତି ଥିଲା ଏହା ଏକ ସଙ୍ଗମ ସ୍ଥଳ । ନାଁ  ଥିଲା କିଛି ଲାଜ ନାଁ କିଛି ଭୟ । ସତରେ ସେ ସମୟ ଆଉଥରେ ଫେରି ଆସନ୍ତା କି ? ସାଙ୍ଗସାଥି ମିଶି ପହଁରିବାର ଓ ପୋଖରୀ ଭିତରେ ଥିବା ଗରୁଡ଼ଖମ୍ବ ଚାରିପଟେ ବୁଲି ଆସିବାର ମଜା ଥିଲା ଅଲଗା ପ୍ରକାର । ବେଳେ ବେଳେ ଆଖି ନାଲି ହୋଇଥିବାର ଦେଖି ଘରେ ବହୁତ ମାଡ ବି ଖାଇଛୁ, କିନ୍ତୁ ତାକୁ କେବେ ଖାତିର କରିନୁ କାରଣ ପୋଖରୀ ରେ ପହଁରିବା ମଜ୍ଜା ହିଁ କିଛି ଅଲଗା ଥିଲା । ପୋଖରୀ ଟି ଥିଲା ଖବର ସଂଗ୍ରହର ଗନ୍ତାଘର । ଗାଁର ଖବର ହଉ ବା ବାହାର ଗାଁ ର ହଉ, ସମସ୍ତ ଖବର ପୋଖରୀ ତୁଠରେ ଏକାଠି ହଉଥିଲା । କାହା ଘରେ ସୋରିଷ ଫୁଟିଲେ, ତାହାର ବାସ୍ନା ପୋଖରୀ ତୁଠରେ ହିଁ ଖେଳୁଥିଲା । ଗାଁର ବିବାହ, ବ୍ରତ,ଦଶାହ ଶୁଦ୍ଧି କାର୍ଯ୍ୟ ସମସ୍ତ ଏହି ପୋଖରୀହୁଡ଼ା ରେ ହିଁ ସମାପନ ହେଉଥିଲା । ଏସବୁ ଭିତରେ ହଜି ଯାଇଥିଲା ବେଳେ ନଜର ପଡିଲା, କାହିଁ କେଉଁକାଳ ନିର୍ଭିଘ୍ନ ଭାବେ ଠିଆ ହୋଇଥିବା ବୁଢ଼ା ବରଗଛ ଉପରେ କାହିଁ କେଉଁ କାଳ ଠୁ ଠିଆ ହୋଇଛି ସେଇଠି, ତାର ଓହଳରେ କେତେ ଯେ ଦୋଳି ଖେଳିଛୁ । ହେଲେ କେମିତି ମନ ଉଦାସ ହୋଇଯାଉଥିଲା । ଆଧୁନିକତାର ଚାକଚକ୍ୟ ଭିତରେ ପୋଖରୀ ଆଜି ଅଣଦେଖା ହୋଇଯାଇଛି । କୁନା,ମୁନା, ରବି ଆଉ କେହି ଆସୁନାହାନ୍ତି ପୋଖରୀକୁ ଗାଧୋଇବାକୁ । ଘରେ ଘରେ ଆଜି ଜଳର ସୁବିଧା । ସକାଳୁ ରାତି ଯାଏ ଯେଉଁ ପୋଖରୀଟି ସମସ୍ତଙ୍କ କାମରେ ଆସୁଥିଲା, ଆଜି ସମସ୍ତଙ୍କର ଅବହେଳା ଓ ଅଣଦେଖାର ଶିକାର । ଗାଁ ଟି ସିନା ସହରର ଚଳଣୀକୁ ଆପଣେଇବାକୁ ବସିଲାଣି । ହେଲେ କଥାରେ ଅଛି , ଗାଁ ପରିମଳ ଧୋବା ତୁଠରୁ । ହେଲେ ମଣିଷ ଆଜି ବୁଝୁନି । ମୁଁ ବୁଝିଛି, ଆଜିର ଯୁବଗୋଷ୍ଠୀ ଙ୍କୁ ମୋର ଆହ୍ୱାନ, ଆସନ୍ତୁ ଏକାଠି ହେବା, ପୋଖରୀ କୁ ସଫା କରିବା ଓ ପୁଣିଥରେ ଜୀବନ୍ତ ରୂପ ଦେବା , ଦେଖିବେ ପୁଣିଥରେ ହସି ଉଠିବ ଆମର ପୁରୁଣା ସ୍ମୃତି ସବୁ । ପୁଣିଥରେ ଆଗାମୀ ପିଢି ଦେଖିବ ଆଉ ଏକ ନୁତନ ସୂର୍ଯୋଦୟ.......

# ଅବଦାନ



**ଶ୍ରୀକାନ୍ତ ବଳିୟାରସିଂହ**
ସାନ ନୂଆଗାଁ, ରେଡଙ୍ଗ

ଆମର ଗାଁ ରେ ଭାଇଚାରା ବହୁତ । ସମସ୍ତେ ସମସ୍ତଙ୍କ ଦୁଃଖ ରେ ଦୁଃଖି ଓ ସୁଖରେ ସୁଖୀ ହୁଅନ୍ତି । କାହାରି ଭୋଜିଭାତ ହେଲେ, ସମସ୍ତେ ଅଣ୍ଟାଭିଡି ଠିଆ ହୋଇଯାଆନ୍ତି । ପୁରା ଗାଁ ଟା ଯାକର ଲୋକ ଗୋଟିଏ ପରିବାର ହୋଇ ଚଳନ୍ତି । ସମସ୍ତେ ସମସ୍ତଙ୍କର ଆବଶ୍ୟକତାକୁ ଯେମିତି ବୁଝିପାରୁଥିଲେ । ପୋଖରୀ ଏକ ଏମିତି ଯାଗା ଯାହାକି ଏକ କମ୍ୟୁନିଟି କୁ ଯୋଡ଼ି ରଖିଥାଏ । ଜୀବିକା ମଧ ନିର୍ଭର କରିଥାଏ । ସମସ୍ତଙ୍କର ଆବଶ୍ୟକତା କୁ ଆଖିରେ ରଖି ଗାଁ ରେ ଏକ ନିର୍ଣ୍ଣୟ ନିଆଗଲା ଓ ଗାଁ ରେ ଏକ ପୋଖରୀ ଖୋଳା ହେବ । ଯାହାକି ଅନେକ ସମସ୍ୟାର ସମାଧାନ ରାସ୍ତା । ପୋଖରୀରୁ ମନ୍ଦିର କାମ ପାଇଁ ପାଣି ନିଆହୁଏ ତ ସେହି ପୋଖରୀରୁ ମାଛ ଚାଷକରି କିଛି ପରିବାର ମଧ ଚଳନ୍ତି। ଏହି ପୋଖରୀ ଅନେକଙ୍କ ଜୀବନ ସହିତ ଯୋଡ଼ି ହୋଇ ରହିଥାଏ । ତେଣୁ ସର୍ବସମ୍ମତିକ୍ରମେ, ସମସ୍ତଙ୍କ ସହଯୋଗରେ ଖୋଳା ହେଲା ଏହି ପୋଖରୀ । ନାମକରଣ ମଧ କରାଗଲା ପଞ୍ଚାୟତ ପୋଖରୀ ଭାବେ । ଯେହେତୁ ପୁରା ପଞ୍ଚାୟତ ନିର୍ଭର କରୁଥିଲା ଏହି ପୋଖରୀ ଉପରେ, ତେଣୁ ସମସ୍ତେ ଏହି ନାମଟିକୁ ଆଗ୍ରହର ସହ ଗ୍ରହଣ କରିଥିଲେ ମଧ । ମୋର ବ୍ୟକ୍ତିଗତ ଭାବେ ଏହି ପୋଖରୀ ସହିତ ଅନେକ ଅଧ୍ୟାୟ ଯୋଡ଼ି ହୋଇରହିଛି । ମୁଁ ସେତେବେଳେ ସ୍କୁଲ୍ ରେ ପଢୁଥାଏ ଖରାଛୁଟି, ବା ରବିବାର ଛୁଟିରେ ସାଙ୍ଗମାନଙ୍କ ସହିତ ପୋଖରୀରେ ଖେଳିବାର ମଜା ଅଲଗା । ମୁଁ ପହଁରା ଜାଣି ନଥିଲି , ସବୁବେଳେ ମନରେ ଡର ଥାଏ, ବାପା ମାଙ୍କର ସବୁବେଳେ କଡ଼ା ନଜର । ହେଲେ ଆମ ସାଙ୍ଗରେ ଜଣେ ବଡ଼ ଭାଇ ଥାଏ ଯିଏ କି ମୋତେ ହାତ ଧରି ପହଁରା ଶିଖେଇଥିଲେ ଏଇ ଆମ ପଞ୍ଚାୟତ ପୋଖରୀ ରେ । ଗାଁ ମାନଙ୍କରେ କଳସ ରେ ମଧ ପହଁରା ଶିଖା ହୁଏ । ଏମିତି ଗୋଟିଏ ବା ଦୁଇଦିନ ରେ ମୁଁ ପହଁରା ଶିଖିନି । ମୋତେ ବି ସମୟ ଲାଗିଛି । କେତେଥର ନାକ ଆଖିରେ ପାଣି ପଶିଯାଇଛି । ବହୁତ ଗାଳି ବି ଶୁଣିଛି । ହେଲେ ମୁଁ ପଛେଇ ଯାଇନି । କି ଶିଖିବାର ଇଛାକୁ ଦମନ କରଦେଇନି । ପ୍ରତିଦିନ ଅଭ୍ୟାସ କରିଛି ଓ ଶିଖିଛି । ଖାଲି ପହଁରା ନୁହଁ, ବହୁତ ପ୍ରକାରର ପହଁରା ଯେମିତି କି ଚିତି ପହଁରା,ଓଲଟା ପିଠି ପହଁରା , ସୁନ ମାରିବା, ପାଖରେ ଥିବା ଲିମ୍ବ ଗଛରେ ଚଢ଼ି ପାଣିକୁ ଡେଇଁବା ଇତ୍ୟାଦି । ହେଲେ ଆଜିପିଲାମାନେ ସେ ଗାଁ ପୋଖରୀକୁ ଭୁଲିଗଲେଣି । ସ୍ୱିମିଙ୍ଗ୍ ପୁଲ୍ ରେ ଜଳକ୍ରୀଡ଼ା କରୁଛନ୍ତି । ମୁଁ ଆଜି ଯେଉଁଠି ବି ରହିଲେ , ଯାହାକୁ ଦରକାର ହେଲେ ସାହାଯ୍ୟ କରିପାରୁଛି । ବନ୍ୟା ସମୟରେ ବା କେଉଁଠି ବି ପାଣିର ସ୍ରୋତରେ କିଏ ଭାସି ଯାଉଥିଲେ ମୁଁ ତାଙ୍କୁ ବଞ୍ଚାଇ ପାରୁଛି ।ପୋଖରୀରେ ଗାଧୋଇବା ମଧ ଏକ ମନୋରଞ୍ଜନର ମାଧମ ଥିଲା । ସୁନ୍ଦର ବ୍ୟାୟାମରେ ପରିଗଣିତ ହେଉଥିଲା କାଲି ସେଇ ଡରକୁଳା ପିଲାଥିଲା ବେଳେ,ଏଇ ପଞ୍ଚାୟତ ପୋଖରୀ ମୋ ପାଇଁ ବନିଲା ସାହସ ର ପେଣ୍ଠସ୍ଥଳି । ପ୍ରେରଣାର ଉତ୍ସ । ସେଇ ପଞ୍ଚାୟତ ପୋଖରୀରେ ପହଁରା ଶିଖିଥିଲି ବୋଲି ଆଜି ଯେଉଁଠି ବି ନଦୀ ହେଉ, ନାଳ ହେଉ, ବଡ଼ ଜଳାଶୟ ହେଉ, ବା ସମୁଦ୍ର ହେଉ ଜଣେ ଅଭିଜ୍ଞ ପହଁରାଳି ଭାବେ ପହଁରି ପାରୁଛି, ଲୋକ ମାନଙ୍କୁ ବି ବଞ୍ଚେଇ ପାରୁଛି ଓ ଶିଖେଇ ବି ପାରୁଛି । ଲୋକଙ୍କୁ ସାହାଯ୍ୟ ର ହାତ ବଢ଼େଇ ପାରୁଛି । ଏହା ପଛରେ ଆମ ପଞ୍ଚାୟତ ପୋଖରୀର ଅବଦାନ ବହୁତ.....



# ଉଦ୍ୟମ



**ଶିବାନୀ ଦାଶ**
ପଦାର୍ଥ ବିଜ୍ଞାନୀ ଛାତ୍ରୀ
ବିଚିତ୍ରପୁର

କାଲି ପରି ଲାଗୁଛି ।  ସବୁକିଛି ଆଖି ଆଗରେ ଭାଷି ଉଠୁଛି । ମୁଁ ୫/୭ ବର୍ଷ ର ହୋଇଥାଏ।  ବାପା, ମମି ଙ୍କ ସହିତ ଗାଁ ଅଭିମୁଖେ ଯାତ୍ରା କଲୁ ।  ଆମ ଗାଁ ବିଚିତ୍ରପୁର ଜଳେଶ୍ୱର ବ୍ଲକରେ ।

ଗାଁ ଯିବା ପାଇଁ ଆମେ ସକାଳୁ ସକାଳୁ ଉଠି ବ୍ୟାଗ ପତ୍ର ସଜାଡ଼ି ଗାଡ଼ିରେ  ବସି ଗାଁ ଅଭିମୁଖେ ଚାଲିଲୁ ।  ପାଖାପାଖି ସଞ୍ଜ ହେବା ବେଳକୁ ଆମେ ଗାଁ ରେ ପହଁଞ୍ଚିଲୁ ।  ସବୁଥର  ଗାଁ କୁ ଗଲାବେଳେ ମନରେ ଥାଏ ଅନେକ ଉତ୍ସାହ । କିପରି ପହଞ୍ଚିବୁ ଜଲଦି ।  ହେଲେ ଏଥର ପରିସ୍ଥିତି ଥାଏ ଅଲଗା ।  ବଡ଼ଜେଜେଙ୍କର ଶୁଦ୍ଧିକର୍ମ ପାଇଁ ଆମେ ଯାଉଥାଉ ।  କାହାରି ମନ ଭଲ ନଥାଏ ।  ବଡ଼ଜେଜେ ଘରର ସବୁକିଛି ଥିଲେ ।  ସମସ୍ତଙ୍କ ସାଙ୍ଗେ ତାଙ୍କର ସମ୍ପର୍କ ଅତୁଟ ।  ଯାହାର ଯାହା ବୁଝିବାର ବା କହିବାର ଥାଏ , ତାଙ୍କ ପାଖକୁ ଫୋନ୍ ଯାଏ । ଘରେ ପହଞ୍ଚୁ ପହଞ୍ଚୁ ଆମେ କଣ ଖାଇବୁ, କାହା ପାଇଁ କଣ ଭଲ ଲାଗେ , ସେ ସବୁ ବ୍ୟବସ୍ଥା କରିବାରେ ଲାଗିପଡନ୍ତି ।  ଆଜି ବହୁତ ଦୁଃଖ ଲାଗୁଥିଲା ।  ଘରେ ରାନ୍ଧିବା ନିଷେଧ ଥିଲା ।  ଭୋକ ବି ଲାଗୁଥିଲା ଗାଁ ର ଆଉ ଜଣଙ୍କ ଘରେ ସେମାନେ ଖାଇବା କରି ପିଲାମାନଙ୍କ ପାଇଁ ପଠେଇଲେ ।  ଗାଁ ର ଏ ଭାଇଚାରା ସତରେ ସହର ରେ ମିଳେନି ।  ସାମ୍ନା ଘରେ କିଏ ରୁହେ, କଣ ତାଙ୍କ ଘରେ ଘଟେ ଜାଣିବା ବି ମୁସ୍କିଲ୍ ।  ଏ ସବୁ ଗାଁ କୁ ଗଲେ ହିଁ ଦେଖିବାକୁ ମିଳେ ।

ସକାଳୁ ସକାଳୁ ଦଶ ତୁଠ କାମ ପାଇଁ ସମସ୍ତେ ତତ୍ପର ।  ଆମ ଛୁଆଙ୍କ ପାଇଁ ଏସବୁ ନୁଆ ।  ଗାଁ ଦାଣ୍ଡ କାନ୍ଦ ବୋବାଳି ରେ ଫାଟି ଉଠୁଠାଏ ।  ଗାଁ ର ଖୁଡୀ , ଜେଜେମା ମାନେ ସମସ୍ତେ ଖାଲି  ବାହୁନି ବାହୁନି କାନ୍ଦୁ ଥାନ୍ତି ।  ଆମ ଛୁଆ ମାନଙ୍କୁ ବି ସେ ପୋଖରୀ ହୁଡା କୁ ଯିବାକୁ କୁହାଗଲା ।  ଗାଁ ର ଏଇ ପୋଖରୀ ଉପରେ ସମସ୍ତେ ନିର୍ଭରଶୀଳ ।  ସେହି ପୋଖରୀ ହୁଡାରେ ହିଁ ହେଉଥିଲା ଶୁଦ୍ଧି କର୍ମ ।  ମୁଁ ମୋର ଆଉ ଅନ୍ୟ ଭାଇ ଭଉଣୀ ମାନଙ୍କ ସହିତ ପହଞ୍ଚିଥିଲି ସେଇଠି ।  ହେଲେ ଏ କଣ ? ପୋଖରୀ ର ଅବସ୍ଥା ଦେଖି ମୋର ହାଲତ ଖରାପ ।  ମୁଁ କାନ୍ଦିଲି ।  ସେ ପୋଖରୀ ରେ ଗାଧୋଇବି ନାହିଁ ।  ହେଲେ ଗାଁ ର ଜେଜେ ମାନେ ନଛୋଡ଼ ବନ୍ଧା ।  ନିଜ ନାତି ନାତୁଣୀ ମାନେ ଗାଧୋଇବାକୁ ବାଧ୍ୟ । ମୋର ବଡବାପାଙ୍କ ପୁଅ ଝିଅ ଙ୍କୁ କୁହାଗଲା ଜବରଦସ୍ତି ମୁଣ୍ଡ ବୁଡ଼େଇ ଗାଧୋଇବାକୁ ।  ମୁଁ କାନ୍ଦି କାନ୍ଦି ନୟାନ୍ତ ।  ମୋର କାନ୍ଦ ଦେଖି ବାପା କହିଦେଲେ ମୋର ଚର୍ମ ରୋଗ ଅଛି ।  ମୁଁ ତ ବଞ୍ଚିଗଲି, ହେଲେ ଭାଇ ଯେଉଁ ବୁଡ଼ ପକାଇ ଗାଧୋଇଥିଲା ଆରମ୍ଭ ହେଲା ଯନ୍ତ୍ରଣା ।  ତାର ଦେହ ହାତ କୁଣ୍ଡେଇ ହେଲା।  ଏତେ ଜୋରରେ ଆରମ୍ଭ ହେଲା ଯେ ତାକୁ ସାଙ୍ଗେ ସାଙ୍ଗେ ଡାକ୍ତରଖାନା ନେବାକୁ ପଡିଲା ।  ସମସ୍ତେ ବ୍ୟସ୍ତ ହୋଇଉଠିଲେ ।  ଆଉ ଶୁଦ୍ଧିକର୍ମ କଣ ହେବ ? ସମସ୍ତେ ସେ ଡାକ୍ତରଖାନାରେ ।  ଗାଁ ରେ ସେତେବେଳେ ସୁବିଧା ନଥିଲା ।  ତାକୁ ସାଙ୍ଗେ ସାଙ୍ଗେ ପାଖ ସହରର ଡାକ୍ତରଖାନା କୁ ନିଆଗଲା ।  ସେ ପାଖାପାଖି ଗୋଟେ ସପ୍ତାହ ରହିଲା ଡାକ୍ତରଖାନାରେ ।  ସବୁ ପରୀକ୍ଷା ରୁ ଜଣାପଡ଼ିଲା ସେ ପୋଖରୀ ପାଣି ଯେଉଁ ଅସନା ହୋଇ ରହିଛି ସେଥିପାଇଁ ଏ ସବୁ । ଡାକ୍ତର ବୁଝାଇଲେ ସମୟ ଆସିଛି ସଚେତନ ହେବାର ।  ଆଜି କଣ ଯେ ହୋଇଥାନ୍ତା ।  ଆମେ ଆମର ଏହି ଜଳାଶୟ ଗୁଡିକର ରକ୍ଷଣାବେକ୍ଷଣ କରିବା ଉଚିତ୍ ।  ଧୀରେ ଧୀରେ ଭୂତଳ ପାଣି କମୁଛି ।  ଏବେଠୁ ସଚେତନ ନ ହେଲେ ନେଡି ଗୁଡ କହୁଣିକୁ ବୋହିଯିବ ।  ଆମେ ଏବେ ବୋତଲ ରେ ପାଣି ବ୍ୟବହାର କରୁଛୁ , ଆଗକୁ ପିଲାମାନେ କ୍ୟାପସୁଲ ରେ ପାଣି ତଣ୍ଟି ଓଦା କରିବେ ।  ତାପରଠୁ ଆଉ ଗାଁ କୁ ଯାଇନଥିଲି ।  ସେଦିନର ଘଟଣା ସ୍ତବ୍ଧ କରିଦେଇଥିଲା ।  ଏତେ ବର୍ଷ ପରେ କିଛିଦିନ ତଳେ  ଗାଁକୁ ଯାଇଥିଲି  ।  ହେଲେ ୟେ କଣ ? ଗାଁ ଲୋକମାନେ ମିଶି ଦଳ ସଫା କରିଛନ୍ତି ।  ଆଉ ପୋଖରୀକୁ ଖୋଳି ଆଉଟିକେ ଓସାରିଆ କରିଛନ୍ତି ।  ସମସ୍ତଙ୍କ ଉଦ୍ୟମ ବଳରେ ଏହା ସାଧ ହୋଇପାରିଛି ।  ସମସ୍ତେ ଏକଜୁଟ ହୋଇଛନ୍ତି ଆଉ ଏହା କରି ଦେଖାଇ ପାରିଛନ୍ତି ।  ସମସ୍ତେ ଆଜି ସେଇ ପୋଖରୀ ଉପରେ ନିର୍ଭରଶୀଳ । ..


# ମନୋବଳ



**ସୁଦୀପ୍ତ କୁମାର ସାହୁ**
ସିଆରିଆ , ନରସିଂହପୁର

କାଲି ପରି ଲାଗୁଛି ।  ସବୁକିଛି ଆଖି ଆଗରେ ଭାଷି ଉଠୁଛି । ମୁଁ ୫/୭ ବର୍ଷ ର ହୋଇଥାଏ।  ବାପା, ମମି ଙ୍କ ସହିତ ଗାଁ ଅଭିମୁଖେ ଯାତ୍ରା କଲୁ ।  ଆମ ଗାଁ ବିଚିତ୍ରପୁର ଜଳେଶ୍ୱର ବ୍ଲକରେ ।
 ଗାଁ ଯିବା ପାଇଁ ଆମେ ସକାଳୁ ସକାଳୁ ଉଠି ବ୍ୟାଗ ପତ୍ର ସଜାଡ଼ି ଗାଡ଼ିରେ  ବସି ଗାଁ ଅଭିମୁଖେ ଚାଲିଲୁ ।  ପାଖାପାଖି ସଞ୍ଜ ହେବା ବେଳକୁ ଆମେ ଗାଁ ରେ ପହଁଞ୍ଚିଲୁ ।  ସବୁଥର  ଗାଁ କୁ ଗଲାବେଳେ ମନରେ ଥାଏ ଅନେକ ଉତ୍ସାହ । କିପରି ପହଞ୍ଚିବୁ ଜଲଦି ।  ହେଲେ ଏଥର ପରିସ୍ଥିତି ଥାଏ ଅଲଗା । ବଡ଼ଜେଜେଙ୍କର ଶୁଦ୍ଧିକର୍ମ ପାଇଁ ଆମେ ଯାଉଥାଉ ।  କାହାରି ମନ ଭଲ ନଥାଏ ।  ବଡ଼ଜେଜେ ଘରର ସବୁକିଛି ଥିଲେ ।  ସମସ୍ତଙ୍କ ସାଙ୍ଗେ ତାଙ୍କର ସମ୍ପର୍କ ଅତୁଟ ।  ଯାହାର ଯାହା ବୁଝିବାର ବା କହିବାର ଥାଏ , ତାଙ୍କ ପାଖକୁ ଫୋନ୍ ଯାଏ । ଘରେ ପହଞ୍ଚୁ ପହଞ୍ଚୁ ଆମେ କଣ ଖାଇବୁ, କାହା ପାଇଁ କଣ ଭଲ ଲାଗେ , ସେ ସବୁ ବ୍ୟବସ୍ଥା କରିବାରେ ଲାଗିପଡନ୍ତି ।  ଆଜି ବହୁତ ଦୁଃଖ ଲାଗୁଥିଲା ।   ଘରେ ରାନ୍ଧିବା ନିଷେଧ ଥିଲା ।   ଭୋକ ବି ଲାଗୁଥିଲା ଗାଁ ର ଆଉ ଜଣଙ୍କ ଘରେ ସେମାନେ ଖାଇବା କରି ପିଲାମାନଙ୍କ ପାଇଁ ପଠେଇଲେ ।  ଗାଁ ର ଏ ଭାଇଚାରା ସତରେ ସହର ରେ ମିଳେନି ।  ସାମ୍ନା ଘରେ କିଏ ରୁହେ, କଣ ତାଙ୍କ ଘରେ ଘଟେ ଜାଣିବା ବି ମୁସ୍କିଲ୍ ।  ଏ ସବୁ ଗାଁ କୁ ଗଲେ ହିଁ ଦେଖିବାକୁ ମିଳେ ।

  ସକାଳୁ ସକାଳୁ ଦଶ ତୁଠ କାମ ପାଇଁ ସମସ୍ତେ ତତ୍ପର ।  ଆମ ଛୁଆଙ୍କ ପାଇଁ ଏସବୁ ନୁଆ ।  ଗାଁ ଦାଣ୍ଡ କାନ୍ଦ ବୋବାଳି ରେ ଫାଟି ଉଠୁଠାଏ ।  ଗାଁ ର ଖୁଡୀ , ଜେଜେମା ମାନେ ସମସ୍ତେ ଖାଲି  ବାହୁନି ବାହୁନି କାନ୍ଦୁ ଥାନ୍ତି ।  ଆମ ଛୁଆ ମାନଙ୍କୁ ବି ସେ ପୋଖରୀ ହୁଡା କୁ ଯିବାକୁ କୁହାଗଲା ।  ଗାଁ ର ଏଇ ପୋଖରୀ ଉପରେ ସମସ୍ତେ ନିର୍ଭରଶୀଳ ।  ସେହି ପୋଖରୀ ହୁଡାରେ ହିଁ ହେଉଥିଲା ଶୁଦ୍ଧି କର୍ମ ।  ମୁଁ ମୋର ଆଉ ଅନ୍ୟ ଭାଇ ଭଉଣୀ ମାନଙ୍କ ସହିତ ପହଞ୍ଚିଥିଲି ସେଇଠି ।  ହେଲେ ଏ କଣ ? ପୋଖରୀ ର ଅବସ୍ଥା ଦେଖି ମୋର ହାଲତ ଖରାପ ।  ମୁଁ କାନ୍ଦିଲି ।  ସେ ପୋଖରୀ ରେ ଗାଧୋଇବି ନାହିଁ ।  ହେଲେ ଗାଁ ର ଜେଜେ ମାନେ ନଛୋଡ଼ ବନ୍ଧା ।  ନିଜ ନାତି ନାତୁଣୀ ମାନେ ଗାଧୋଇବାକୁ ବାଧ । ମୋର ବଡବାପାଙ୍କ ପୁଅ ଝିଅ ଙ୍କୁ କୁହାଗଲା ଜବରଦସ୍ତି ମୁଣ୍ଡ ବୁଡ଼େଇ ଗାଧୋଇବାକୁ ।  ମୁଁ କାନ୍ଦି କାନ୍ଦି ନୟାନ୍ତ ।  ମୋର କାନ୍ଦ ଦେଖି ବାପା କହିଦେଲେ ମୋର ଚର୍ମ ରୋଗ ଅଛି ।  ମୁଁ ତ ବଞ୍ଚିଗଲି, ହେଲେ ଭାଇ ଯେଉଁ ବୁଡ଼ ପକାଇ ଗାଧୋଇଥିଲା ଆରମ୍ଭ ହେଲା ଯନ୍ତ୍ରଣା ।  ତାର ଦେହ ହାତ କୁଣ୍ଡେଇ ହେଲା।  ଏତେ ଜୋରରେ ଆରମ୍ଭ ହେଲା ଯେ ତାକୁ ସାଙ୍ଗେ ସାଙ୍ଗେ ଡାକ୍ତରଖାନା ନେବାକୁ ପଡିଲା ।  ସମସ୍ତେ ବ୍ୟସ୍ତ ହୋଇଉଠିଲେ ।  ଆଉ ଶୁଦ୍ଧିକର୍ମ କଣ ହେବ ? ସମସ୍ତେ ସେ ଡାକ୍ତରଖାନାରେ ।  ଗାଁ ରେ ସେତେବେଳେ ସୁବିଧା ନଥିଲା ।  ତାକୁ ସାଙ୍ଗେ ସାଙ୍ଗେ ପାଖ ସହରର ଡାକ୍ତରଖାନା କୁ ନିଆଗଲା ।  ସେ ପାଖାପାଖି ଗୋଟେ ସପ୍ତାହ ରହିଲା ଡାକ୍ତରଖାନାରେ ।  ସବୁ ପରୀକ୍ଷା ରୁ ଜଣାପଡ଼ିଲା ସେ ପୋଖରୀ ପାଣି ଯେଉଁ ଅସନା ହୋଇ ରହିଛି ସେଥିପାଇଁ ଏ ସବୁ ।  ଡାକ୍ତର ବୁଝାଇଲେ ସମୟ ଆସିଛି ସଚେତନ ହେବାର ।  ଆଜି କଣ ଯେ ହୋଇଥାନ୍ତା ।  ଆମେ ଆମର ଏହି ଜଳାଶୟ ଗୁଡିକର ରକ୍ଷଣାବେକ୍ଷଣ କରିବା ଉଚିତ୍ ।  ଧୀରେ ଧୀରେ ଭୂତଳ ପାଣି କମୁଛି ।  ଏବେଠୁ ସଚେତନ ନ ହେଲେ ନେଡି ଗୁଡ କହୁଣିକୁ ବୋହିଯିବ ।  ଆମେ ଏବେ ବୋତଲ ରେ ପାଣି ବ୍ୟବହାର କରୁଛୁ , ଆଗକୁ ପିଲାମାନେ କ୍ୟାପସୁଲ ରେ ପାଣି ତଣ୍ଟି ଓଦା କରିବେ ।  ତାପରଠୁ ଆଉ ଗାଁ କୁ ଯାଇନଥିଲି ।  ସେଦିନର ଘଟଣା ସ୍ତବ୍ଧ କରିଦେଇଥିଲା ।  ଏତେ ବର୍ଷ ପରେ କିଛିଦିନ ତଳେ  ଗାଁକୁ ଯାଇଥିଲି  ।  ହେଲେ ୟେ କଣ ? ଗାଁ ଲୋକମାନେ ମିଶି ଦଳ ସଫା କରିଛନ୍ତି ।  ଆଉ ପୋଖରୀକୁ ଖୋଳି ଆଉଟିକେ ଓସାରିଆ କରିଛନ୍ତି ।  ସମସ୍ତଙ୍କ ଉଦ୍ୟମ ବଳରେ ଏହା ସାଧ ହୋଇପାରିଛି ।  ସମସ୍ତେ ଏକଜୁଟ ହୋଇଛନ୍ତି ଆଉ ଏହା କରି ଦେଖାଇ ପାରିଛନ୍ତି ।  ସମସ୍ତେ ଆଜି ସେଇ ପୋଖରୀ ଉପରେ ନିର୍ଭରଶୀଳ । ..



# ଶିଉଳି



**ମେଘ୍ନା ପ୍ରିୟଦର୍ଶିନୀ**
ଯାଜପୁର ରୋଡ

ପିଲାଦିନୁ ଗାଁ ସାଙ୍ଗେ ବେଶୀ ସମ୍ପର୍କ ନଥିଲା । ବାପାଙ୍କର କର୍ମକ୍ଷେତ୍ର ବାହାରେ ଥିବାରୁ ବେଶୀ ସମୟ ଗାଁ ରେ ବିତାଇବାକୁ ମିଳି ନଥିଲା । ଗାଁ କୁ ହୁଏତ ସ୍କୁଲ୍ ରେ ସେ ଡ୍ରଇଂଖାତାରେ ଦେଖିଥିଲି, ଯେତେ ବେଳେ ମୋର ପ୍ରିୟ ଡ୍ରଇଂ ସାର୍ ଦେଉଥିଲେ ସୂର୍ଯ୍ୟ ଉଇଁବାର ବା ଅସ୍ତ ହେବାର ଚିତ୍ର ଆଙ୍କିବାକୁ ଅବା ବଡ଼ ହୋଇ ଲାପ୍‌ଟପ୍ ରେ ଡିଜିଟାଲ୍ ଚିତ୍ର ଆଙ୍କିଲା ବେଳେ, ପ୍ରକୃତି ସହିତ, ଗାଁର ପାଣି ପବନ ସହିତ ଏତେ ନିବିଡ଼ ସମ୍ପର୍କ ନ ଥିଲା । ହେଲେ ମନ ଭିତରେ ଥିଲା ଗାଁ ପାଇଁ ଅହେତୁକ ଆକର୍ଷଣ । ଯେବେ ବି ଗାଁ ରେ ଥିବା ଭଉଣୀମାନଙ୍କ ଖୁଦୁରୁକୁଣୀ ଓଷାରେ ଗାଁ ପୋଖରୀରୁ କଇଁ ଫୁଲ ତୋଳିବା ସମୟ ହେଉ ବା ଜହ୍ନିଫୁଲ ଓଷା। ଏମିତି ଅନେକ ପର୍ବପର୍ବାଣୀ ର ଫଟୋ ଯେବେ ଆସୁଥିଲା ଗାଁ ରୁ , ଭାରୀ ଖୁସୀ ହେଉଥିଲି । ମନ ଖୋଜୁଥିଲା ସେହି ଗାଁ କୁ ଗାଁର ପରିବେଶ କୁ । ଏ ସହର ଜୀବନ ଗାଡ଼ିର କ୍ଷିପ୍ର ଗତି ସାଙ୍ଗେ ଯେଭଳି ଆଗକୁ ଦୌଡୁଛି, କେଉଁଠି ଯେ ଦୁର୍ଘଟଣା ଘଟିବ ଆଉ ବ୍ରେକ୍ କଷିବାକୁ ସମୟ ନ ଥିବ । ଯେବେ ବି ଗାଁରେ ଯେ କୌଣସି ପର୍ବପର୍ବାଣୀ ହୁଏ, ଅଧିକାଂଶ ସମୟରେ ପରୀକ୍ଷା ହିଁ ଥାଏ । ପାଠ, କ୍ୟାରିୟର, ପରୀକ୍ଷା ଏମିତି କେତେ କଣ ର ଦ୍ୱାହି ଦେଇ ଗାଁରେ ଯାଇ ରହିବା, କିଛିଦିନ ପାଇଁ ଗାଁକୁ ବୁଲିଯିବା ଆଦି ହୋଇପାରେନି ।

ଏତେଦିନ ପରେ ଆଜି ସେ ଦିନ ଆସିଲା । ଗାଁକୁ ଯିବାପାଇଁ ସକାଳୁ ବାହାରି ପଡ଼ିଲି । ୩ ଦିନ ଲାଗିଲାଗି ଛୁଟିଅଛି । ଗାଁରେ ଯାଇ ପହଞ୍ଚି ତ ଗଲି, ହେଲେ ନିଜକୁ ଭାରି ଅସଜଡ଼ା ମନେ ହେଉଥିଲା । ସହରୀ ଚାଲିଚଳନ ଠୁ ଗାଁର ଚାଲିଚଳନ ଥିଲା ଭିନ୍ନ । ମୁଁ ଯାଇଛି ବୋଲି ପାଖ ଦାଦାଙ୍କ ଘରୁ ମୋ ପାଇଁ ଲାଲ୍ ଟହଟହ ଦିଶୁଥିବା ତରକାରୀ ଆସିଯାଇଥିଲା । ପଛପଟ ପିଉସୀ ନାନୀଙ୍କ ବାଡ଼ିରୁ ପିଜୁଳି,ଖଟାକମଳା ଆସିଯାଇଥାଏ । ଏ ସବୁ ଖାଇଲେ ମୋର ଦେହ ଖରାପ ହୋଇଯିବ , ସିଧା କହିଦେଇଥିଲି । ଗାଁ ପୋଖରୀ ରୁ ମାଛ ଧରାହଉଥାଏ । ସବୁ ସେଇଠି ଏତେ ସାରା ଜିନିଷ ଦେଖି ମୁଁ ଖାଲି ଏଇଟା କଣ ? ସେଇଟା କଣ ? ପ୍ରଶ୍ନ ଉପରେ ପ୍ରଶ୍ନ ପଚାରୁଥାଏ । ଗାଁ ମାଉସୀ କହିଲେ ହୁଣ୍ଡିଟା ଜାଣିପାରୁନୁ । ମୁଁ କହିଲି ମାଉସୀ ମୁଁ ପରା ବଡ଼ ୟୁନିଭର୍ସିଟି ରେ ପାଠ ପଢୁଛି ମାଷ୍ଟର୍ସ କରୁଛି, ଉଚ୍ଚଶିକ୍ଷିତା । ମୋତେ ହୁଣ୍ଡୀ କହୁଛ ? ହଉ ହଉ ମୋର ଭୁଲ୍ ହୋଇଗଲା ଆମ ପାଠୋଇ ଝିଅ କୁ ହୁଣ୍ଡି କହି । ଚାଲେ ଗାଁରେ ବୁଲି ଆସିବା । ସବୁ ତୋତେ ଦେଖେଇ ଦେବି ଗଳି କନ୍ଦି ,ଆଉ ଗାଁ ପୋଖରୀ ରେ ମାଛଧରା ହଉଛି, ସେଠିକୁ ପ୍ରଥମେ ଯିବା ।................

...............ଆରେ ବାପ୍ ରେ ଏଠିତ ମେଳା ଲାଗିଛି, ପିଲାଠୁ ନେଇ ଯୁବକ ଯୁବତୀ ମାନେ ସେଇ ପୋଖରୀ ପାଖେ । ଗାଁର ସମସ୍ତଙ୍କୁ ଯେମିତି ନିଜର ହାତକୁ ମେଲାଇ ଦେଇଛି ଆଉ ବକ୍ଷ ଉପରେ ସ୍ଥାନ ଦେଇଛି ଏ ପୋଖରୀ । ମା ମାଉସୀମାନେ ତାଙ୍କ ଶାଢ଼ୀ ର ପଣତକୁ ଖେଳାଇ ମାଛ ଧରି ଆଣୁଛନ୍ତି ତ, କୁନି କୁନି ପିଲାମାନେ ନିଜ ଘରର ମଶାରୀ କନାକୁ ଖେଳାଇ ମାଛ ଧରୁଛନ୍ତି , ଗାଁର ଛୋଟ ଛୋଟ ପିଲାମାନେ ବାଡ଼ି ଆଗରେ କଣ୍ଟା କୁ ବନ୍ଧାଇ , ସେଥିରେ ଜିଆ ଲଗାଇ ମାଛ ଧରୁଛନ୍ତି ତ ଦାଦା, କାକା, ବଡ଼ବାପା ମାନେ ଛୋଟ ଛୋଟ ବାଡ଼ିକୁ ଯୋଡ଼ି ସେଥିରେ ବି ମାଛ ଧରୁଛନ୍ତି । ହଠାତେ ଏତେ ସୁନ୍ଦରଘାସ ଗାଲିଚା ଦେଖି ଦୌଡ଼ିଗଲି ପୋଖରୀ କୂଳକୁ ଆଉ କଚାଡ଼ି ହୋଇପଡ଼ିଲି, ପ୍ରକୃତରେ ତାହା ଘାସ ଗାଲିଚା ନ ଥିଲା, ଥିଲା ପୋଖରୀକୂଳର ଶୀଉଳି । ମନେ ମନେ ଭାରି ଲାଜ ଲାଗୁଥିଲା । ସହରରେ ରହି ନିଜକୁ ଶିକ୍ଷିତା ବୋଲି ଭାବୁଥିବା ମନରେ କେଉଁଠି ନା କେଉଁଠି ଉଙ୍କିମାରୁଥିଲା ସେଇ ଧାଡ଼ିଟି । ପ୍ରକୃତରେ ଏହି ଗାଁରେ ହିଁ ମୌଳିକ ଜ୍ଞାନ ଅଛି । ସେ ସହରୀଶିକ୍ଷା ଶିଉଳିର ଆସ୍ତରଣ କୁ ମୋତେ ହଟେଇବାକୁ ହେବ ...........

# ଋଣ



**ଅରବିନ୍ଦ ସିଙ୍ଘ**
ପୁଟୁରା, ବାଲେଶ୍ୱର

ଦିନ ଆସି  ୮ଟା ବାଜିଲାଣି । ମନରେ କେତେ ଆନନ୍ଦ ଓ ଉଲ୍ଲାସ । କାହ୍ନୁ ଆଜି ଘରକୁ ଯିବ । ସଅଳ ସଅଳ ବାହାରିଯିବ ବୋଲି ଭାବିଥିଲା , କିନ୍ତୁ କେମିତି ଆସି ଏତେ ଡେରି ହୋଇଗଲାଣି ଜଣା ବି ପଡ଼ିଲାନି ।

ଏତେ ଦିନ ପରେ ଗାଁକୁ ଯାଉଛି, ମନରେ ଯେପରି ବର୍ଷା ଆଗମନ ରେ ମୟୁରୀ ନୃତ୍ୟ କରିଚାଲିଛି, ଗାଁ ରାସ୍ତା । ଦିନ  ୧୦ଟା ହୋଇଥିବା । ଗାଡ଼ି ଧିରେ ଧିରେ ଚାଲିଛି ସେଇ ଛୋଟ ସରୁ ରାସ୍ତା ଦେଇ । କାହ୍ନୁ କାରର କାଚ ତଳକୁ କରିଦେଲା । ଆହା କି ଥଣ୍ଡା ପବନ । ଏମିତି ପବନ ସହର ରେ କେଉଁଠି ମିଳୁଛି ? ହଠାତ୍ ସାମ୍ନାରେ ଗାଁ ପୋଖରୀ । ସତେ ଯେମିତି କାହ୍ନୁ ର ଗୋଡ଼ ଆପେ ଆପେ ବ୍ରେକ୍ ଉପରକୁ ଚାଲିଗଲା । ରାସ୍ତା କଡ଼କୁ ପାର୍କ କରିଦେଇ ଓହ୍ଲେଇ ଆସି ବସି ପଡ଼ିଲା ପୋଖରୀ ହୁଡ଼ାରେ ।

ସ୍ମୃତିର କାନ୍‌ଭାସ୍ ରେ ନାଚି ଉଠିଲା ପୋଖରୀ ସହିତ ଜଡ଼ିତ ଅନେକ ଅଭୁଲା କାହାଣୀ । କର୍ମ ବହୁଳ ଜୀବନରେ ମଣିଷ ସିନା ଆଗକୁ ବଢ଼ିଯାଏ, ହେଲେ ତା ସହ ରହିଯାଏ ଅତୀତ ଜୀବନର ପ୍ରତିଟି ସ୍ପନ୍ଦନ । ଏଇ ପୋଖରୀ ସାକ୍ଷୀ ଅଛି କେତେ କାହାଣୀର । ଖରାବେଳ ହେଲେ ବାପା ମାଙ୍କୁ ନ କହି ଗାମୁଛା ଧରି ପହଞ୍ଚି ଯାଉଥିଲୁ ଗାଧୋଇବାକୁ । କିଛି ଦୂରରୁ ଦୌଡ଼ି ଆସି ପୋଖରୀକୁ କୁଦା ମାରିବାର ପ୍ରତିଯୋଗିତା, ଯିଏ ଅଧିକ ଦୁର ଯାଏ ଡିଆଁ ମାରୁଥିଲା ସିଏ ରାଜା ହେଉଥିଲା । ପୋଖରୀରେ ବୁଡ଼ ମାରିବାର ମଜା, ଢେଉ ମାରି ମାରି ପହଁରିବାର ମଜା ଅଲଗା । କେତେ ପୋଖରୀ ପାଣି ପିଇଯାଉ ବୁଡ଼ିକି ପହଁରା ଶିଖିବା ବାହାନାରେ ଆଉ ତା ପରେ କେତେ ଗାଳି ଶୁଣୁ ମା ବାପାଙ୍କ ଠାରୁ । ପୋଖରୀ କୁ ନ ଆସିବାକୁ କେତେ ବାରଣ, କେତେ ରାଣ ନିୟମ ପକାଏ ମା ।ହେଲେ ସାଙ୍ଗ ଙ୍କ ମେଳରେ ଭୁଲିଯାଏ ସେ ସବୁ ।

ମନେ ପଡ଼ିଯାଉଛି ପୋଖରୀର ମାଛଧରା ଦୃଶ୍ୟ । ପୋଖରୀର ବାହଣ ପରେ ଯେଉଁ ଅଳ୍ପ ପାଣି କାଦୁଅ ରେ ପଶି କେତେ ତୁଡ଼ି,କରାଣ୍ଡି,କଉ, ସିଙ୍ଗି, ମହୁରାଳୀ ମାଛ ଧରିଆଣୁ । ମା ତାକୁ ଖଟା ଦେଇ, ବେସର ବଟା ଦେଇ ପତ୍ରପୋଡ଼ା କରିଦିଏ ଆହା ସୁସ୍ୱାଦୁ ସେ ମାଛ ସବୁ ।

ବର୍ଷାଦିନେ ଏ ପୋଖରୀ ପୂର୍ଣ୍ଣଗର୍ଭା ହୋଇଉଠେ । କେତେ ଖସଡ଼ା ଆମେ ନ ଖାଇଛୁ, କାଦୁଅ ସରସର ହୋଇ ପୋଖରୀ ହୁଡ଼ା ଦେଇ ସ୍କୁଲ୍ ଗଲାବେଳେ । ଖରାଦିନେ ଯେବେ ନଳକୂପ ଶୁଖିଯାଏ, ଏ ପୋଖରୀରୁ  ନିତିଦିନିଆ କାର୍ଯ୍ୟ ପାଇଁ ପାଣି ନେଇଛୁ । ଏ ପୋଖରୀ ହୁଡ଼ା ଯେମିତି ବାଲ୍ୟ ଜୀବନର ବନ୍ଧୁ, ସେମିତି ଶୈଶବ ଓ ଯୌବନର ମନର ସାଥି ଟିଏ ଏକୁଟିଆ ତା ସାଙ୍ଗେ କେତେ କଥା ଗପିଛି, ସବୁ ସେ ଶୁଣେ, ନିରବ ବନ୍ଧୁଟିଏ ହୋଇ, ହେଲେ ଆଜି ଏହାର କି ଅବସ୍ଥା ? ପରିତ୍ୟକ୍ତ, ଅଦରକାରୀ । ପୋଖରୀର ଋଣ ତ ଶୁଝିପାରିବିନି ସରପଞ୍ଚ ଙ୍କୁ କହି ଏହାର ପୁନଃରୁଦ୍ଧାର ତ କରିପାରିବି । କିଛି ଅର୍ଥ ତ ସାହାଯ୍ୟ କରିପାରିବି । ଆଖିର ଅଶ୍ରୁ ସେଇ ପୋଖରୀ ପାଣିରେ ମିଶିଯାଏ । ଆଗକୁ ପାଦ ବଢ଼ାଏ । ହେଲେ ପଛରୁ ଯେମିତି ପୋଖରୀ ହାତ ଠାରି ତା ପାଖକୁ ଡାକେ କିନ୍ତୁ ସମୟର ଦ୍ୱାହି ଦେଇ ଗାଡ଼ି ଗଡିଚାଲେ ଆଗକୁ,ମୋ ମନ କିନ୍ତୁ ଅଟକି ଥାଏ କେମିତି ଶୁଝିବି ଆମ ଗାଁ ପୋଖରୀ ର ଋଣ କୁ ? ? ? ?

ବିଶେଷାଙ୍କ

# ପୋଖରୀ.... ଲୋଡ଼ା ସବୁରି



**ଇନ୍ଦୁ ନନ୍ଦ**
ଖଣ୍ଡଗିରିବାରି, ଭୁବନେଶ୍ୱର

ପୃଥିବୀ ର ସତୁରୀ ଭାଗ ଜଳରେ ପରିପୂର୍ଣ୍ଣ । ହେଲେ ଏହି ଜଳର ମାତ୍ର ତିନି ପ୍ରତିଶତ ବ୍ୟବହାର ଉପଯୋଗୀ । ସୁତରାଂ ଜଳର ସଂରକ୍ଷଣ, ସୁରକ୍ଷା ସାରା ପୃଥିବୀ ପାଇଁ ଏକ ଆହ୍ୱାନ । ଆମ ଦେଶ ଭାରତ ଗାଁ ର ଦେଶ । ଆମର ସାମାଜିକ ତଥା ଅର୍ଥନୈତିକ ବ୍ୟବସ୍ଥା ଏ ଯାଏ ଗାଁ ଉପରେ ମୁଖ୍ୟତଃ ନିର୍ଭର କରି ଆସୁଛି ଓ ଆସନ୍ତା ଶହ ଶହ ବର୍ଷ ଧରି ଏହା ଅବ୍ୟାହତ ରହିବ ।

କଥା ହେବା ଏଥର ଆମ ଗାଁ ପୋଖରୀ ଉପରେ । ଯେଉଁ ପୋଖରୀ ସହିତ ଆମର ସମ୍ପର୍କ ଏନ୍ତୁଡ଼ି ଶାଳରୁ ଆରମ୍ଭ ହୋଇଥାଏ ଓ ଶେଷରେ ଶ୍ମଶାନ ଯାଏ ସାଙ୍ଗ ରେ ଥାଏ । ଗାଁ ପାଖ ପଡ଼ିଆରେ ନିତ୍ୟକର୍ମ ସାରି ଏହି ପୋଖରୀ ରେ ଶୌଚ ହେବାରେ ଯେମିତି ଖୁବ୍ ଆନନ୍ଦ । ଜେଜେଙ୍କ କାନ୍ଧରୁ ଡେଇଁ ଏ ପୋଖରୀ ରେ ପହଁରା ଶିଖିବା ସହିତ କେତେ ରକମର ଜଳକ୍ରୀଡ଼ା ଆମ କୈଶୋର ମନକୁ ଚଳଚଞ୍ଚଳ କରିଦିଏ ।

ସବୁଦିନ ସକାଳୁ ବୋଉ,ଖୁଡ଼ୀ, ବଡ଼ ମା ମାନଙ୍କର ଦିନ ଆରମ୍ଭ ହୁଏ ଏହି ପୋଖରୀ ତୁଠରୁ । ଯେତେବେଳେ ସେମାନେ ରାତିର ଅଇଁଠା ବାସନ କୁ ଧରିଆସନ୍ତି ମାଜିବାକୁ ତା ଭିତରେ ବି ଟିକେ ଦୁଃଖ ସୁଖ ହୁଅନ୍ତି । ପୋଖରୀ ସିନା ଗୋଟେ ହେଲେ ତୁଠ ଅଲଗା ଅଲଗା ସ୍ତ୍ରୀ ଓ ପୁରୁଷ ମାନଙ୍କର ।

ଗାଁ ପୋଖରୀ ର ଭୂମିକା କେବଳ ଦୈନନ୍ଦିନ ଜୀବନରେ ନୁହେଁ, ସାମାଜିକ ଓ ସାଂସ୍କୃତିକ ଜୀବନ ସହିତ ମଧ୍ୟ ଜଡ଼ିତ । ଯେ କୌଣସି ପୂଜା ଓ ପବିତ୍ର କାମରେ କଳସ ବୁଡ଼ା ଠାରୁ ଆରମ୍ଭ ହୋଇ ଶେଷରେ ବିସର୍ଜନ କର୍ମ ପର୍ଯ୍ୟନ୍ତ ଏଇଠି ହୁଏ । ଗାଁ କୁଆଁରୀମାନେ ଖୁଦୁରୁକୁଣୀ ଓଷା ଏହି ପୋଖରୀ ରେ ଆରମ୍ଭ କରି ମୃଣ୍ମୟୀ ମୂର୍ତ୍ତୀ ବିସର୍ଜନ କରିଥାନ୍ତି । ଶୀତଦିନେ ପୋଖରୀ ହୁଡ଼ାରେ ଖରା ପୁଆଁନ୍ତି , ପୁଣି ଖରାଦିନ ସନ୍ଧ୍ୟା ରେ ଗୁଳୁଗୁଳି ରୁ ଆରାମ ପାଆନ୍ତି । ପୋଖରୀ ର ଶୋଭା ଅତୁଳନୀୟ । କେତେବେଳେ ପଦ୍ମ ତ କେତେବେଳେ କଇଁଫୁଲ ର ସମ୍ଭାର । କବି ଓ ଭାବୁକ ଙ୍କୁ ବିମୋହିତ କରେ ଆମ ଗାଁ ପୋଖରୀ । ସୃଷ୍ଟି ହୁଏ ଅନେକ କାବ୍ୟ ଓ କବିତା । ସାହିତ୍ୟ କୁ ସମୃଦ୍ଧ କରେ ପୋଖରୀ । ଗାଁ ପୋଖରୀ ମଧ୍ୟ ପ୍ରେମର ଉତ୍ସ । କେତେ ମନ ଦିଆନିଆ ର ସାକ୍ଷୀ ମଧ୍ୟ ଆମ ଗାଁ ପୋଖରୀ ।

ଆମ ଗାଁ ପୋଖରୀର ଅବଦାନ ମଧ୍ୟ ବହୁତ କିଛି ଆମ ଗାଁ ଅର୍ଥନୀତି କୁ ବଢ଼େଇବାରେ । ଗାଁର ପ୍ରତି ପରିବାର ରେ ସେମାନଙ୍କ ପ୍ରିୟ ମାଛ ବର୍ଷ ତମାମ ଘରେ ପହଞ୍ଚୁଥାଏ ଏଇ ପୋଖରୀ ପାଇଁ । ପୋଖରୀ ରୁ ମାଛଧରା ପଦ୍ଧତି ମଧ୍ୟ ଭାରି କୌତୁହଳ । ବର୍ଷାଦିନେ ଖଇଁଚି, ଅନ୍ଧୁଲି ତ ଖରାଦିନେ ପୋହଳ, ପୁଣି ବର୍ଷ ତମାମ ବନିଶୀରେ ମାଛ ଧରିବା ଗୋଟେ ନିଶା । ଗାଁ ପୋଖରୀ ରୁ ମାଛ ଧରାଯାଇ ଗାଁର ସବୁ ପରିବାର ମଧରେ ଭାଗ କରାଯାଏ । ପୁରା ଗାଁକୁ ଗୋଟିଏ ପରିବାର ଭଳି ଯୋଡ଼ି ରଖିଥାଏ ଏଇ ପୋଖରୀ । ପୋଖରୀ ହୁଡ଼ା ରେ ପନିପରିବା ଚାଷ କଲେ ବଜାରକୁ ଯିବା ଦରକାର ହୁଏ ନାହିଁ ।

ଏବେ କିନ୍ତୁ ପୋଖରୀ ଉପରେ ନଜର ପକାଇଲେ ଦୁଃଖ ଲାଗୁଛି । ପ୍ରାୟ ଗାଁ ପୋଖରୀ ପୋତି ହୋଇଗଲାଣି । ବର୍ଷା ଦିନରେ ବର୍ଷାଜଳ ସଂରକ୍ଷଣ କରିବାକୁ ଏହା ଅସମର୍ଥ । କଇଁ କିମ୍ବା ପଦ୍ମ ଜାଗାରେ ଆଜି ପଙ୍କ ଭର୍ତ୍ତି । ଆଗେ ଆମେ ପୋଖରୀ ପାଣିରେ ଗାଧୋଉଥିଲୁ । ସମୟ ସାଙ୍ଗେ ତାଳ ଦେଇ ଚାରିକାନ୍ଥ ଭିତରେ ଗାଧୋଉଛୁ । ସଭ୍ୟତା ର ତାଳେ ତାଳେ ଆମେ ବଞ୍ଚି ଚାଲିଛୁ । ଏହା ମଧ୍ୟ ଆବଶ୍ୟକ । ହେଲେ ସାରା ପୃଥିବୀରେ ଜଳ ସଂକଟ ଜନିତ ସମସ୍ୟା ଭୋଗୁଛୁ । ଭୂତଳ ଗର୍ଭ ର ଜଳ ପତନ ଦିନକୁ ଦିନ ହ୍ରାସ ପାଉଛି । ଏସବୁ ପାଇଁ ପୋଖରୀ ର ଗୁରୁତ୍ୱ ରହିଛି । ଆମେ ପର ପିଢ଼ି ମାନଙ୍କୁ ପୋଖରୀ କଥା ଶୁଣେଇବାର ସମୟ ଆସିଛି । ପୋଖରୀର ଦୁଃଖ ବୁଝିବା ଓ ନିଜକୁ ବଞ୍ଚାଇବା .......

# ଏକ ପ୍ରାଣ ବିନ୍ଦୁ



**ପପୁ ନାୟକ**
ପଳାଶପଲ୍ଲୀ,ଭୁବନେଶ୍ୱର

ଗ୍ରାମୀଣ ଅଞ୍ଚଳ ରେ ଜଳର ଏକମାତ୍ର ସ୍ରୋତ ହେଉଛି ଗାଁ ପୋଖରୀ ଓ କୁଅଁ । ଜଳରେ ଭାସମାନ ପଦ୍ମର ସୌନ୍ଦର୍ଯ୍ୟ ହେଉ ଅବା ମୀନ ମାନଙ୍କର ସାଂସାରିକ ମାଧୁର୍ଯ୍ୟ । ବୟସର ଅପରାହ୍ନ ରେ ମୁନ୍ଦାଏ ମୁନ୍ଦାଏ ପାଣି ନେଇ ସ୍ନାନ କରିବା ହେଉ ଅବା ପୋଖରୀ ଜଳରେ ବାଲ୍ୟ କ୍ରୀଡା କରୁଥିବା ବାଳକ । ଉଭୟ ଝୁରନ୍ତି ଯେବେ ସେ ଗ୍ରୀଷ୍ମର ପ୍ରଚଣ୍ଡ ରୁଦ୍ରତାପରେ ସବୁକିଛି ଜାଳି ଦିଏ ।

ଯୁବ ଅବସ୍ଥାରେ ଉପାର୍ଜନର ଜଞ୍ଜାଳ ରେ ଏହି ପୋଖରୀ ହିଁ ସାହସ ଦେଇଥାଏ ଆଗକୁ ବଢ଼ିବାକୁ । ମାଛଚାଷ କରି ପରିବାର ପ୍ରତିପୋଷଣ କରିବାକୁ ବାଟ ଦେଖେଇଥାଏ । ଏହା ଅନ୍ୟମାନଙ୍କ ପାଇଁ ମଧ ରୋଜଗାରର ପେଣ୍ଠସ୍ଥଳି । ଗାଁ ଦେଉଳରେ ପ୍ରତ୍ୟକ ସକାଳରେ ଠାକୁରଙ୍କ ଲାଗି ଫୁଲ ହେଉ ବା ଅନ୍ୟ ସ୍ଥାନକୁ ରପ୍ତାନୀ କରିବାକୁ ହେଉ ।

ଗ୍ରୀଷ୍ମ ଆସୁଛି । ସେ ଖୋଲା ଆକାଶ କୁ ଚାହିଁ ପ୍ରିୟତମା ଜଳର ରାଶିକୁ ଚାହିଁ ବହୁତ କଥା ଭାବି ଅଶ୍ରୁର ସ୍ରୋତରେ ନିରାଶ ହେଉଛି । ଆଜି ତା ଆଖି ମଧ ମରୁଭୂମି ପାଲଟିଛି । ଖୋଜୁଛି ସେ ତାର ପ୍ରାଣବିନ୍ଦୁ କୁ ଯିଏ କୋହର ଏକ ସ୍ରୋତ ପାଲଟି ଯାଏ । ସେ କିନ୍ତୁ ଆଜି ପ୍ରତାରିତ, ଅବହେଳିତ ।

ଯଜ୍ଞର ଆହୁତି ମଧ ଫିକା ପଡ଼ିଯାଉଛି, ଘୃତ ଜଳିଲା ପରି ସବୁ ଜଳି ଯାଉଛି । ବଗିଚାରେ ବଢୁଥିବା ଗଛ ମଧ ଅପେକ୍ଷା କରି ରହୁଛି ସେ ବର୍ଷାର ଆଗମନକୁ ।

ଲଘୁଚାପର ଘୂର୍ଣ୍ଣିବଳୟ ରୁ ଯେତେବେଳେ ଦିନେ ଏକ ନୁତନ ଅର୍ଦ୍ଧ ଜୀବନର ବଳୟକୁ ସେ ଫେରି ତାର ପୁରୁଣା ଅଞ୍ଚଳକୁ ପାଇଛି ସେ ତାର ପ୍ରାଣବିନ୍ଦୁ କୁ, ଯେଉଁ ସ୍ନେହ ଓ ଭଲପାଇବା ତାକୁ ଏଇ ବ୍ୟବସାୟ କୁ ଟାଣି ଆଣିଥିଲା ଆଉ ବାନ୍ଧି ଦେଇଥିଲା ଏକ ନିବିଡ଼ ବନ୍ଧନରେ । ଶେଷରେ ସେ ଏକ ପ୍ରଣ ରେ ଗାଁ ଗାଁ ଆଜି ଘୁରିବୁଲିଛି ପ୍ରାଣବିନ୍ଦୁ(ପୋଖରୀ)କୁ ସୁରକ୍ଷା,ରକ୍ଷଣ,ଉଧାର ଓ ଜନ ସଚେତନ କରିବା ମାର୍ଗରେ,ନିଜର କର୍ମ କରି ଜଗତର ମଙ୍ଗଳ ପାଇଁ ଏକ ପ୍ରୟାସ ଜାରି ରହିଛି, ଏହା ଆଗକୁ ଜାରି ରହିବ ମଧ .........



*Ama Pokhari, Ama Garba, pride of our land,*
*Reflecting the sky, with beauty so grand.*
*Still waters hold stories, whispered by breeze,*
*Of laughter and life, beneath rustling trees.*

*Lotus blooms open, in colors so bright,*
*A haven for creatures, taking their flight.*
*Children skip stones, with joy in their eyes,*
*As elders weave tales, under twilight skies.*

*Once a source of life, for all who did roam,*
*Now a symbol of peace, a place to call home.*
*Ama Pokhari, Ama Garba, a treasure we hold,*
*A story untold, yet forever unfolds.*

*Let's protect these havens, for all time to see,*
*These pockets of magic, for you and for me.*
*Ama Pokhari, Ama Garba, our hearts entwine,*
*A legacy to cherish, forever to shine.*